ବର୍ଷ-୨୫, ସଂଖ୍ୟା-୩୦୨
ଭୁବନେଶ୍ୱର
୧୪, ନଭେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 302
Bhubaneswar
14, November, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କଟକରେ ଧମାଲ କଲେ ଘୋଷାଲ



# ଆଜି ଭୋଟ୍ ଗଣତି

## ବିହାରରେ କାହାର ବାଜିମାତ୍



ପାଟନା, ୧୩।୧୧ (ଏଜେନ୍ସି); ବିହାର ବିଧାନସଭା ନିର୍ବାଚନ ସମାପ୍ତ ହେବା ପରେ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ରାଜ୍ୟବ୍ୟାପୀ ୪୬ଟି ଗଣନା କେନ୍ଦ୍ରରେ ଭୋଟ ଗଣନା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିଛି। ନଭେମ୍ବର ୬ ଏବଂ ୧୧ ତାରିଖରେ ଅନୁଷ୍ଠିତ ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ରେକର୍ଡ ୬୭.୧୩ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ କମିଶନ ରାଜ୍ୟର ୩୮ଟି ଜିଲ୍ଲାରେ ମୋଟ ୪୬ଟି ଗଣନା କେନ୍ଦ୍ର ସ୍ଥାପନ କରିଛନ୍ତି। ମୋଟ ୭୪.୫ ନିୟୁତ ଭୋଟର ୨,୬୧୬ ପ୍ରାର୍ଥୀଙ୍କ ନିର୍ବାଚନୀ ଭାଗ୍ୟ ନିର୍ଣ୍ଣୟ କରିଛନ୍ତି। ଏବେ, ଫଳାଫଳ ପାଇଁ ଅପେକ୍ଷା। ପୋଷ୍ଟାଲ୍ ବାଲଟ୍ ଗଣନା ଶୁକ୍ରବାର ସକାଳ ୮:୦୦ ଟାରେ ଆରମ୍ଭ ହେବ। ଏହା ପରେ, ସମସ୍ତ ଅଧିକାରୀଙ୍କୁ ସକାଳ ୮:୩୦ ରେ ଏଭିଏମ୍ ଗଣନା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗଣନା ପାଇଁ ପ୍ରସ୍ତୁତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଗଣନା କେନ୍ଦ୍ରଗୁଡ଼ିକରେ ସୁରକ୍ଷା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ କଡ଼ା ପ୍ରୋଟୋକଲ୍ ସ୍ଥାପନ କରାଯାଇଛି। ଗଣନା ସ୍ଥାନକୁ କାହାକୁ ମୋବାଇଲ୍ ଫୋନ୍ ନେବାକୁ ଅନୁମତି ଦିଆଯିବ ନାହିଁ। କମିଶନ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ, ଗଣନା ପର୍ଯ୍ୟବେକ୍ଷକ, ମାଇକ୍ରୋ ପର୍ଯ୍ୟବେକ୍ଷକ ଏବଂ ସହାୟକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଏକ ମୁକ୍ତ, ନିରପେକ୍ଷ, ଭୟମୁକ୍ତ ଏବଂ ସ୍ୱଚ୍ଛ ଭୋଟ ଗଣନା ପରିଚାଳନା ହେଉଛି ସର୍ବୋଚ୍ଚ ପ୍ରାଥମିକତା।

## ନୂଆପଡ଼ାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଆସନ୍ତାକାଲି ନୂଆପଡ଼ା ଉପନିର୍ବାଚନର ଭୋଟ ଗଣତି ହେବ, ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଭୋଟ ଗଣତି ପ୍ରକ୍ରିୟାକୁ ସ୍ୱଚ୍ଛ, ସୁସ୍ଥ ଓ ପାରଦର୍ଶୀ ଭାବରେ କରିବାକୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ। ଭୋଟ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମୋଟ ୧୪ ଗୋଟି ଟେବୁଲ୍ ରହିଥିବା ବେଳେ ୨୬ ରାଉଣ୍ଡ ଗଣତି ହେବ। ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣତି, ଅଧା ଘଣ୍ଟା ପରେ ଇଭିଏମ ଗଣତି ହେବ। ପ୍ରତ୍ୟେକ ଟେବୁଲ୍‌ରେ ଜଣେ ଗଣତି ସହକାରୀ ଅଧିକାରୀ, ଗଣତି ସୁପରଭାଇଜର ଏବଂ ମାଇକ୍ରୋ ଅବଜର୍ଭର୍ ନିୟୋଜିତ ରହିବେ।

ଜନସାଧାରଣଙ୍କ ପାଇଁ ମଧ୍ୟ ଡ଼ାକବାଜି ସାହାଯ୍ୟରେ ଘୋଷଣା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସମସ୍ତ ଗଣନା ପ୍ରକ୍ରିୟା ସିସିଟିଭି ନଜରରେ କରାଯିବ ଓ ଏସବୁର ଭିଡିଓ ରେକର୍ଡିଂ ହେବ ଏହାର ତଦାରଖ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ରହିବେ। ଅନ୍ତିମ ରାଉଣ୍ଡ ଶେଷ ହେବା ପରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଜେତା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସେପଟେ ଭୋଟ୍ ଚୋରି ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ୪୧ ବୁଥରେ ଭୋଟ୍ ଚୋରି ହୋଇଥିବା ବିଜେଡି ଅଭିଯୋଗ କରିଛି। ଭୋଟ୍ ପ୍ରଭାବିତ କରିବାକୁ ସମସ୍ତ ଚେଷ୍ଟା କରାଯାଇଥିଲା। ଭୋଟ୍ ଚୋରି ଅଭିଯୋଗ କରି ସିସିଟିଭି ଫୁଟେଜ ଦାବି କରିଛି ଦଳ ସରକାରୀ ଦଳ ଓ ପୁଲିସ ଏହି ନିର୍ବାଚନକୁ ପ୍ରଭାବିତ କରିଥିବା ଦଳ ଅଭିଯୋଗ କରିଛି। ଅନ୍ୟପଟେ କଂଗ୍ରେସ ବି ଆଣିଛି ଭୋଟ୍ ଚୋରି ଅଭିଯୋଗ। ହେଲିକପ୍ଟରରେ ପଠାଇଯାଇଥିବା ଇଭିଏମ କାହା ଦାୟିତ୍ୱରେ ଥିଲା ବୋଲି ଦଳ ପ୍ରଶ୍ନ କରିଛି। ଏହାସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଭୋଟ୍ ପ୍ରତିଶତକୁ ଦେଖି ମଧ୍ୟ ସନ୍ଦେହ ଉପୁଜିଥିବା କଂଗ୍ରେସ କହିଛି।

# ଚେତାବନୀ ଦେଲେ ଶାହା



ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀର ଲାଲ୍ କିଲ୍ଲା ବିସ୍ଫୋରଣକୁ ନେଇ କଡ଼ା ଚେତବାନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ବିସ୍ଫୋରଣର ଦୋଷୀଙ୍କୁ ଦିଆଯିବାକୁ ଥିବା ସଜା ଏତେ କଠୋର ହେବ ଯେ, ପୂରା ଦୁନିଆ ଦେଖିବ, ଏବଂ ଏଥିରୁ ଭବିଷ୍ୟତରେ କୌଣସି ବି ବ୍ୟକ୍ତି ଆମ ଦେଶରେ ଏହିପରି ହମଲାର ସାହସ କରି ପାରିବନି।

ଦିଲ୍ଲୀ ବିସ୍ଫୋରଣ ଘଟଣାକୁ ନେଇ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉଚ୍ଚ ସ୍ତରୀୟ ବୈଠକ। ଗୁରୁବାର ସକାଳେ ତାଙ୍କ ବ୍ୟକ୍ତିଗତ ବାସଭବନରେ ବୈଠକ ଡାକିଥିଲେ। ଯେଉଁଥିରେ ଗୁଇନ୍ଦା ସଂସ୍ଥା ଏବଂ ଗୃହ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଆତଙ୍କବାଦୀ ଆକ୍ରମଣର ତଦନ୍ତର ଅଗ୍ରଗତି ଏବଂ ସାରା ଦେଶରେ ସୁରକ୍ଷା ପରିସ୍ଥିତିର ସମୀକ୍ଷା କରାଯାଇଛି। ତେବେ ଏହି ବୈଠକରେ ଏନଆଇଏ ନିର୍ଦ୍ଦେଶକ ଜେନେରାଲ, ଇଣ୍ଟେଲିଜେନ୍ସ ବ୍ୟୁରୋ ନିର୍ଦ୍ଦେଶକ, ଗୃହ ସଚିବ ଏବଂ ଦିଲ୍ଲୀ ପୁଲିସ କମିଶନର ଉପସ୍ଥିତ ଥିଲେ ଯେଉଁଥିରେ ଜାତୀୟ ରାଜଧାନୀ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକର ସାମ୍ପ୍ରତିକ ସୁରକ୍ଷା ପରିସ୍ଥିତିର ବିବରଣୀ ଉପସ୍ଥାପନ କରାଯାଇଥିଲା ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଏବଂ ସତର୍କତା ବୃଦ୍ଧି କରିବାକୁ ଶାହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅମିତ ଶାହ ଗୁଜରାଟର ମୋତି ଭାଇ ଚୌଧୁରୀ ସାଗର ସୈନିକ ସ୍କୁଲର ଏକ କାର୍ଯ୍ୟକ୍ରମକୁ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସମ୍ବୋଧିତ କରି ଉକ୍ତ କଥା କହିଛନ୍ତି ସେ ଜୋର ଦେଇ କହିଛନ୍ତି ଯେ, ଏମିତି ଘଟଣା ବିରୋଧରେ ଜିରୋ ଟଲରେନ୍ସର ନୀତି ଗ୍ରହଣ କରାଯିବ। ଦୋଷୀମାନଙ୍କୁ ଆଦୌ ଛଡ଼ାଯିବ ନାହିଁ ବୋଲି ଶାହ କହିଛନ୍ତି।।

# ଦେଶବ୍ୟାପୀ ଚଢାଉ ଜୋରଦାର

**ନୂଆଦିଲ୍ଲୀ, ୧୩।୧୧ (ମହାଭାରତ):** ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବୋମା ବିସ୍ଫୋରଣ ପରେ ଫରିଦାବାଦ ଆତଙ୍କୀ ମଡ୍ୟୁଲର ଖୁଲାସା ପାଇଁ ତଦନ୍ତ ସଂସ୍ଥା ପ୍ରାଣ ମୂର୍ଚ୍ଛା ଉଦ୍ୟମ ଜାରି ରଖିଛି। ଏହି ମାମଲାର ଚେର ଦିଲ୍ଲୀ, ହରିୟାଣାଠୁ ନେଇ କଶ୍ମୀର ଓ ତୁର୍କୀ ପର୍ଯ୍ୟନ୍ତ ଲମ୍ବିଛି। ବିସ୍ଫୋରଣ ଜମ୍ମୁ-କାଶ୍ମୀର ସହିତ ଜଡିତ, ତେଣୁ ଏଜେନ୍ସିଗୁଡ଼ିକ ଏବେ ସେଠାରେ ସନ୍ଦିଗ୍ଧ ଲୋକଙ୍କୁ ଖୋଜୁଛନ୍ତି। ବିସ୍ଫୋରଣ ପରଠାରୁ ଜମ୍ମୁ-କାଶ୍ମୀର ପୋଲିସ ୫୦୦ ସ୍ଥାନରେ ଚଢାଉ କରି ୬୦୦ ଜଣଙ୍କୁ ଅଟକ ରଖିଛି। ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ଏପର୍ଯ୍ୟନ୍ତ ମୋଟ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ୧୮ ଜଣଙ୍କୁ ଗିରଫ କରାଯାଇଛି। ଯେଉଁଥିରେ ୬ ଜଣ ଡାକ୍ତର ଏବଂ ୨ ଜଣ ମୌଲବୀ ରହିଛନ୍ତି।

ଜମ୍ମ କାଶ୍ମୀର ପୋଲିସ ଜମାତ-ଏ-ଇସଲାମି ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନୁସାରେ ଜମାତ-ଏ-ଇସଲାମି ଜମ୍ମୁ-କାଶ୍ମୀରରେ ପୁଣି ଥରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଛି। ଶ୍ରୀନଗର, କୁଲଗାମ, ପୁଲୱାମା, ଶୋପିଆନ, ବାରାମୁଲ୍ଲା ସମେତ ଅନେକ ଜିଲ୍ଲାରେ ଚଢାଉ କରାଯାଇଛି ଡାକ୍ତର ମଡ୍ୟୁଲ୍ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ଦିନ ତିନି ଜଣ ସରକାରୀ କର୍ମଚାରୀଙ୍କ ସମେତ ପ୍ରାୟ ୧୦ ଜଣଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସନ୍ଦିଗ୍ଧଙ୍କୁ ପଚରାଉଚରା କରିବାରୁ ଜଣାପଡ଼ିଛି ଯେ ସେମାନଙ୍କ ମଧ୍ୟରୁ କେତେକ ଗତ ବର୍ଷ ତୁର୍କୀ ମଧ୍ୟ ଯାଇଥିଲେ। ହ୍ୱାଇଟ୍-କଲର ଆତଙ୍କବାଦୀ ମଡ୍ୟୁଲ୍ ସହିତ ଜଡିତ ୨୦୦ ରୁ ଅଧିକ ଲୋକଙ୍କୁ ପଚରାଉଚରା



କରିଛନ୍ତି। ଏହି ମାସର ଆରମ୍ଭରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ଦୁଇଜଣ ଆତଙ୍କବାଦୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ଏହି ମଡ୍ୟୁଲ୍ ପର୍ଦ୍ଦାଫାସ୍ କରାଯାଇଥିଲା। ପୋଲିସ ବାରାମୁଲାର ସୋପୋରରେ ୩୦ ଟି ସ୍ଥାନରେ ଚଢାଉ କରିଛି। ଚଢାଉ ସମୟରେ ଉଗ୍ରବାଦୀ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ନିଷିଦ୍ଧ ସଂଗଠନର ଗ୍ୟାଜେଟ୍ ଏବଂ ପୋଷ୍ଟର ମଧ୍ୟ ସାମିଲ ଥିଲା ଏହି ମାମଲାରେ ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି।

ସେହିପରି ଗିରଫ ଆତଙ୍କବାଦୀମାନେ ହେଲେ, ଡାକ୍ତର ମୁଜମ୍ମିଲ ଶକୀଲ (ଫରିଦାବାଦ), ଡାକ୍ତର ଆଦିଲ୍ ରାଠର୍ (ସହାରନପୁର), ଡାକ୍ତର ଶାହୀନ ଶହିଦ (ଫରିଦାବାଦ), ଡାକ୍ତର ସଜ୍ଜାଦ ଅହମ୍ମଦ ମଲ୍ଲା (ପୁଲାମା), ମୌଲବୀ ଇରଫାନ ଅହମ୍ମଦ (ଶୌପିୟାଁ), ଜମୀର ଅହମ୍ମଦ (ଗାନ୍ଦରବଲ), ତାରିକ ଅହମ୍ମଦ ଡାର୍ (ପୁଲାମା), ଆମିର ରାଶିଦ ମୀର (ପୁଲାମା), ଉମର ରଶିଦ ମୀର (ପୁଲାମା), ତାରିକ ମଲିକ (ପୁଲାମା), ସୁଲେମାନ ଓ ସୋହେଲ (ଗୁଜରାଟ) ଏବଂ ହଫିଜ ମହମ୍ମଦ ଇସ୍ତିୟାକ (ଫରିଦାବାଦ)।

ୟୁପି ଏଟିଏସ୍ ବୁଧବାର ସନ୍ଧ୍ୟାରେ କାନପୁରରେ ଥିବା ହୃଦରୋଗ ସଂସ୍ଥାନର କାର୍ଡିଓଲଜିଷ୍ଟ ଡା. ମହମ୍ମଦ ଆରିଫଙ୍କୁ ତାଙ୍କ ଘରୁ ଉଠାଇ ନେଇଛି। ଡା. ଆରିଫ ଜମ୍ମୁ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ବାସିନ୍ଦା ଅଟନ୍ତି ଏବଂ ଗିରଫ ହୋଇଥିବା ଡା. ଶାହିନ୍ ଶାହିନ୍ ଓ ତାଙ୍କ ଭାଇ ପରବେଜଙ୍କ ସହିତ ସେ ଯୋଗାଯୋଗରେ ଥିଲେ। ସୂତ୍ର ଅନୁସାରେ, ପ୍ରାରମ୍ଭିକ ତଦନ୍ତରେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଦେଶରେ ଘଟିଥିବା କିଛି ଘଟଣାର ଯୋଜନା ଓ ରଣନୀତି ତିଆରି କରିବାରେ ତାଙ୍କ ଭୂମିକା ଥିଲା। ତଦନ୍ତ ଏଜେନ୍ସି ଡା. ଆରିଫଙ୍କ ଲ୍ୟାପଟପ୍ ଓ ମୋବାଇଲ୍ ଫୋନ୍ ଜବତ କରିଛି। ଏଟିଏସ୍ ତାଙ୍କୁ ରାଜଧାନୀ ଦିଲ୍ଲୀକୁ ନେଇଯାଇଛି, ଯେଉଁଠାରେ ଧରାପଡ଼ିଥିବା ଅନ୍ୟ ସମସ୍ତ ଅଭିଯୁକ୍ତମାନଙ୍କ ସହ ତାଙ୍କୁ ମଧ୍ୟ ପଚରାଉଚରା କରାଯିବ।

ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଗୁରୁବାର ଘୋଷଣା କରିଛି ଯେ ସୁରକ୍ଷା କାରଣରୁ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ବନ୍ଦ ରହିବ। ଦିଲ୍ଲୀର ଅନ୍ୟ ସମସ୍ତ ଷ୍ଟେସନ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। 'ଏକ୍ସର' ପୋଷ୍ଟରେ ଜାରି ଏକ ବିବୃତ୍ତିରେ, ଡିଏମଆରସିକହିଛି, 'ସୁରକ୍ଷା କାରଣରୁ, ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ବନ୍ଦ ରହିବ। ଏହି ପଦକ୍ଷେପ ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣ ପରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଅଧିକ ସତର୍କତା ଏବଂ ସତର୍କତାମୂଳକ ପଦକ୍ଷେପ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ କହିଛି ଯେ ସୁରକ୍ଷା ଏଜେନ୍ସିଗୁଡ଼ିକ ଲାଲକିଲ୍ଲା ନିକଟରେ ସୋମବାର ସନ୍ଧ୍ୟାରେ ହୋଇଥିବା ବିସ୍ଫୋରଣର ତଦନ୍ତ କରୁଛନ୍ତି, ଯାହା ଫଳରେ ଷ୍ଟେସନ ବନ୍ଦ ହୋଇଯାଇଛି। ବିସ୍ଫୋରଣରେ ଏପର୍ଯ୍ୟନ୍ତ ୧୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି।

# ପଠନ ସଂସ୍କୃତିକୁ ସୁଦୃଢ଼ କରିବ ପାଠାଗାର : ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧୩।୧୧ (ମହାଭାରତ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ ସହ ଅହମ୍ମଦାବାଦ୍ ଅନ୍ତର୍ଜାତୀୟ ପୁସ୍ତକ ମହୋତ୍ସବ (ଏଆଇବିଏଫ- ୨୦୨୫)ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଛନ୍ତି। ରିଭରଫ୍ରଣ୍ଟ ଇଭେଣ୍ଟ ସେଣ୍ଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପୁସ୍ତକ, ଲେଖକ, ସଂସ୍କୃତି ଏବଂ ସୃଜନଶୀଳତାର ଏହି ଉତ୍ସବକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ନ୍ୟାସନାଲ ପୁସ୍ତକ ଟ୍ରଷ୍ଟ (ଏନବିଟି) ଏବଂ ଅହମ୍ମଦାବାଦ୍ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହେଉଛି। ଏହି ମହୋତ୍ସବ ଆମର ପାଠାଗାର ଆନ୍ଦୋଳନ ଏବଂ ପଠନ ସଂସ୍କୃତିକୁ ଆହୁରି ସୁଦୃଢ଼ କରିବ। ସେ ଅହମ୍ମଦାବାଦ୍‌ର ସମସ୍ତ ନାଗରିକ ବିଶେଷ କରି ଯୁବବର୍ଗଙ୍କୁ ପୁସ୍ତକ, ଲେଖକ, ସଂସ୍କୃତି, ସୃଜନଶୀଳତା ଓ ସ୍ୱାଦିଷ୍ଟ ବ୍ୟଞ୍ଜନର ଏହି ମହାନ ସମାରୋହକୁ ପରିଦର୍ଶନ କରିବା ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ସ୍ମରଣୋତ୍ସବ ପାଳନ ହୋଇଥିଲା। ଶତାଧିକ ଲୋକମାନେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିଥିଲେ। ଶ୍ରୀ ପ୍ରଧାନ ଏହାକୁ 'ସ୍ୱାଭିମାନର ସ୍ୱର' ଏବଂ 'ଭାରତର ଆତ୍ମାର ଭାବନା' ବୋଲି ଅଭିହିତ କରିଥିଲେ। ସେ ଆହୁରି କହିଥିଲେ ଯେ 'ବନ୍ଦେ ମାତରମ୍ କେବଳ ଏକ ଗୀତ ନୁହେଁ, ବରଂ ମାତୃଭୂମି ପ୍ରତି ଆମର ଅତୁଟ ଆସ୍ଥା ଏବଂ ରାଷ୍ଟ୍ରଭକ୍ତିର ଜୀବନ୍ତ ଅଭିବ୍ୟକ୍ତି।' ପରିଶେଷରେ ଶ୍ରୀ ପ୍ରଧାନ ଏହି ମେଳାରେ ଥିବା ଗୁଜୁରାଟ ବିଦ୍ୟାପୀଠ ଷ୍ଟଲ୍‌କୁ ପରିଦର୍ଶନ କରି ସେଠାରୁ ପୁସ୍ତକ ଓ ଷ୍ଟେସନାରୀ ସାମଗ୍ରୀ କିଣିଥିଲେ। ପୁସ୍ତକ ମେଳାରେ ବୁଲି ପୁସ୍ତକ ଖୋଜିବା ଓ କିଣିବାର ଅନୁଭୂତିକୁ ସେ 'ଏକ ସର୍ବଦା ମୂଲ୍ୟବାନ ଅନୁଭୂତି' ବୋଲି କହିଛନ୍ତି।

# 'ଦେଶକୁ ଏକ ରଖିବା ପାଇଁ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟର ପ୍ରତୀକ'

**ଭୁବନେଶ୍ୱର / ବାଲେଶ୍ୱର, ୧୩।୧୧ (ମହାଭାରତ):** ସାରା ଭାରତବର୍ଷରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲେଶ୍ୱରର ନୀଳଗିରି ଠାରେ ଏକତା ପଦଯାତ୍ରାର ଉଦଘାଟନ କରିଛନ୍ତି।

ଏହି ଅବସରରେ ନୀଳଗିରି ଠାରୁ ମିତ୍ରପୁର ପର୍ଯ୍ୟନ୍ତ ଆୟୋଜିତ ପଦ ଯାତ୍ରାରେ ସାହସ୍ରାଧିକ ଛାତ୍ରଛାତ୍ରୀ, ଯୁବବର୍ଗ, ଜନସାଧାରଣ ଓ ସରକାରୀ ଅଧିକାରୀମାନେ ଭାଗ ନେଇ ପ୍ରାୟ ୯ କି. ମି ବାଟ ପଦଯାତ୍ରା କରିଥିଲେ। ଏଥିସହିତ ଛାତ୍ରଛାତ୍ରୀ ମାନେ ୧୦୦ ଫୁଟ ବିଶିଷ୍ଟ ତ୍ରିରଙ୍ଗା ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀଳଗିରିରେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ପୋଲିସ ପଡ଼ିଆ ଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମ ରେ ବାଲେଶ୍ୱର ଜିଲ୍ଲାର ଭୂମିକା ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଏକତା ପଦଯାତ୍ରା କେବଳ ଏକ ସାଧାରଣ ପଦଯାତ୍ରା ନୁହେଁ, ଏହା ଭାରତୀୟତାର ପ୍ରତୀକ,



ଦେଶକୁ ଏକ ରଖିବା ପାଇଁ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟର ପ୍ରତୀକ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଯେଉଁ ମାଟିରେ ଆମେ ଛିଡା ହୋଇଛେ, ନୀଳଗିରି, ଏହା କେବଳ ଏକ ଭୌଗଳିକ ସ୍ଥାନ ନୁହେଁ, ଏହା ହେଉଛି ଜନଶକ୍ତି ଓ ଲୋକତନ୍ତ୍ରର ସ୍ପନ୍ଦନ। ନୀଳଗିରି ପ୍ରଜା ଆନ୍ଦୋଳନ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ଅଦ୍ୱିତୀୟ ଅଧ୍ୟାୟ, ଯାହା ଶୋଷଣ ବିରୋଧରେ, ଅନ୍ୟାୟ ବିରୋଧରେ, ଏବଂ ଅଧିକାର ପାଇଁ ପ୍ରଜାଙ୍କ ମିଳିତ ସ୍ୱରର 'ଏକତା' ର ଗାଥା କୁହେ। ବ୍ରିଟିଶ ବିରୋଧୀ ଆନ୍ଦୋଳନର ପ୍ରଭାବରେ, ନୀଳଗିରିରେ ସ୍ଥାନୀୟ ଯୁବକ, କୃଷକ, ଶ୍ରମିକ, ଶିକ୍ଷିତ ଲୋକେ ଏକତାବଦ୍ଧ ହୋଇଥିଲେ।

ନୀଳଗିରି ପ୍ରଜା ଆନ୍ଦୋଳନର ପରିଣାମ କେବଳ ରାଜ୍ୟ ଅଧିକାର ନୁହେଁ, ପ୍ରଜାଙ୍କ ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ଲୋକତନ୍ତ୍ରୀୟ ଚେତନାର ବିଜୟ ଥିଲା। ଏହି ଆନ୍ଦୋଳନ ପ୍ରମାଣ କରିଥିଲା ଯେ, ପ୍ରଜା ଯଦି ଏକତାବଦ୍ଧ ହୁଅନ୍ତି, କୌଣସି ଅତ୍ୟାଚାରୀ ଶକ୍ତି ତାଙ୍କୁ ଦମନ କରିପାରେନି। ଆଜିର ଏହି ଗଣ ପଦଯାତ୍ରା ଆମକୁ ସେହି 'ଭିନ୍ନତାରେ ଏକତାର' ସନ୍ଦେଶ ଦେଉଛି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ଏହି ଏକତା ହେଉଛି ଆମର ଶକ୍ତି, ଆମର ପରିଚୟ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଆମ ସରକାର ଆସିଲା ପରଠୁ, ଏହି ବିଷୟରେ ସଂପୂର୍ଣ୍ଣ ଭାବେ ସଚେତନ ଅଛନ୍ତି ଏବଂ ଯୁବ ବର୍ଗଙ୍କ କଲ୍ୟାଣ ପାଇଁ ନିଯୁକ୍ତି ଠାରୁ ଆରମ୍ଭ କରି ଶିକ୍ଷା, ଖେଳକୁଦ, କ୍ରିଏଟିଭିଟି ପାଇଁ ନୂତନ ସୁଯୋଗ ସରକାର କାର୍ଯ୍ୟକାରୀ କରୁଛନ୍ତି।

# ଏଜି ଛକ ପାଇଁ ବଡ ଯୋଜନା

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଭୁବନେଶ୍ୱର ଏଜି ଛକରୁ ଟ୍ରାଫିକ ପୋଷ୍ଟ ହଟାଯିବ। ଏଜି ଛକରେ ୨ ଥାକିଆ ରାସ୍ତା ତିଆରି ହେବ। ମାଟି ତଳେ ଓ ମାଟି ଉପରେ ୨ ଥାକିଆ ରାସ୍ତା ନିର୍ମାଣ ହେବ। ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ଅଧିକ ରାସ୍ତା ନିର୍ମାଣ ହେବାକୁ ଯୋଜନା କରାଯାଇଛି। ୨୦ଟି ନୂଆ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏହା ସହ କଳ୍ପନା, ଖଣ୍ଡଗିରି ଓ ଜୟଦେବ ବିହାର ରୁ ନାଲକୋ ଏଲିଭେଟେଡ କରିଡ଼ର ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି। ପ୍ରାରମ୍ଭିକ ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ସମୀକ୍ଷା କରିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେହିପରି ଓବିସିସିର ସମସ୍ତ କାର୍ଯ୍ୟ ପେପର ଲେସ କରାଯିବ। ସମୀକ୍ଷା ବୈଠକରେ ପୁରୀର ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସହ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତସିଂପୁର ଜିଲ୍ଲା ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦ୍ୱୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ସେହିପରି ଭୁବନେଶ୍ୱର ସହରର ଭିଡ଼ ନିୟନ୍ତ୍ରଣ ପାଇଁ ଜୟଦେବ ବିହାରଠାରୁ ନନ୍ଦନକାନନରେ ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପଟରେ ସମାନ୍ତରାଳ ରାସ୍ତା ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା, ଏମସ୍‌କୁ ଯାଇଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ଖଣ୍ଡଗିରି-ଜାଗମରା ଏଲିଭେଟେଡ୍ ରାସ୍ତା ଏବଂ କଳ୍ପନା ଛକରେ ଆଧୁନିକ ଏଲିଭେଟେଡ୍ ରାସ୍ତା ସହ ଏ.ଜି ଛକରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ଦୁଇ ଥାକିଆ ରାସ୍ତାର ପରିକଳ୍ପନା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥି ସହିତ ପୁରୀର ବିଭିନ୍ନ ରାସ୍ତା, କୋଠାବାଡ଼ି, ଧର୍ମଶାଳା, ପାଠାଗାର ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିବା ସହ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିବା ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥି ସହିତ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍ ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍ୱାସ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ କରିବା ପାଇଁ ବୈଠକରେ ନିଷ୍ପତି ହୋଇଛି। ଏହି କ୍ରମରେ ଆଜିଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଛି।

ଏହି ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ପୂର୍ତ୍ତ ବିଭାଗର ଇଆଇସି(ସିଭିଲ୍) ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ି, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ (ରାସ୍ତା-୧) ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ-୧) ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ଯନ୍ତ୍ରୀ (ରାସ୍ତା -୨) ଇଂ ଶିବବ୍ରତ ତରିଆ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଂଚଳିକ ଅଧିକାରୀ ସୁନିଲ କୁମାର, ଭୁବନେଶ୍ୱର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦଙ୍କ ସହ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୭ରେ ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୩।୧୧ (ମହାଭାରତ):** ଓଡିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନଭେମ୍ବର ୨୦ରେ ଓଡିଶା ଆସି ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ ରାଷ୍ଟ୍ରପତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତକୁ ନେଇ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନ ୧୦ଟା ୦୫ ମିନିଟ୍‌ରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀରୁ ଆସି ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ଝାରସୁଗୁଡ଼ାରୁ ବାୟୁସେନା ହେଲିକପ୍ଟରରେ ଛତିଶଗଡ଼ ଅମ୍ବିକାପୁର ଯିବେ। ଏହାପରେ ପୁଣି ୨୭ ତାରିଖ ଅପରାହ୍ନ ୨ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଅପରାହ୍ନ ୪ଟାରେ ରାଜଭବନ ସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବେ। ଅପରାହ୍ନ ୪ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ବିଧାନସଭାରେ ସମ୍ବୋଧନ କରିବେ। ଏହାପରେ ରାଜ୍ୟ ଅତିଥି ଭବନରେ ରାତ୍ରି ରହଣି କରି ୨୮ ତାରିଖ ସକାଳ ୯ଟା ୩୫ରେ ଭୁବନେଶ୍ୱର ବିମାନ ବନ୍ଦରରୁ ଲକ୍ଷ୍ନୌ ବାହାରିବେ। ତେବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କର ଝାରସୁଗୁଡ଼ାରେ କୌଣସି କାର୍ଯ୍ୟକ୍ରମ ନଥିବା ବେଳେ ଏଠାରେ କେବଳ ବିମାନରୁ ହେଲିକପ୍ଟର ଲେ-ଓଭର ରହିଥିବା ସୂଚନା ମିଳିଛି।

ଏହି ପରିପ୍ରେକ୍ଷୀରେ ଗୁରୁବାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ କିପରି ତ୍ରୁଟିଶୂନ୍ୟ ଓ ସଫଳତାର ସହ ସଂପନ୍ନ ହେବ ସେ ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ ଓ ଉପସ୍ଥିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର ଶ୍ରୀମତୀ ଅନୁଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ ସିଂହ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଓପିଏସଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରାଧାକୃଷ୍ଣ ଶର୍ମା, ଭୁବନେଶ୍ୱର-କଟକ ପୋଲିସ କମିଶନରଏସ୍ ଦେବ ଦତ୍ତ ସିଂହ, ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ଆର. ପି କୋଚେ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



## ଖବର

# ଦେଖିବାକୁ ମିଳିଲା ରଶ୍ମିକା ଓ ବିଜୟ ଦେବରକୋଣ୍ଡାଙ୍କ ଅଫ୍-ସ୍କ୍ରିନ୍ ରୋମାନ୍ସ



ଅଭିନେତା ବିଜୟ ଦେବରକୋଣ୍ଡା ଓ ରଶ୍ମିକା ମନ୍ଦାନା ତାଙ୍କ ସମ୍ପର୍କକୁ ଲୁଚାଇ ରଖନ୍ତି । ଅକ୍ଟୋବରରେ ଏହି ଯୋଡ଼ିର ବିବାହ ସମ୍ବନ୍ଧୀୟ ଖବରଗୁଡ଼ିକ ପ୍ରକାଶ ପାଇଥିଲା । ହେଲେ, ଉଭୟ ଏହା ଉପରେ ଚୁପ୍ ରହିଥିଲେ । କିନ୍ତୁ ଶେଷରେ ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡାଙ୍କ ଅଫ୍-ସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିଲା ।ରଶ୍ମିକାର ନୂଆ ଫିଲ୍ମ 'ଦ ଗର୍ଲଫ୍ରେଣ୍ଡ୍' ବକ୍ସ ଅଫିସ୍ରେ ଭଲ ଆୟ କରୁଛି, ଯାହାର କାରଣରୁ ହାଇଦ୍ରାବାଦରେ ଫିଲ୍ମ ଏକ ସକ୍ସେସ ପାର୍ଟିର ଆୟୋଜନ କରାଯାଇଥିଲା । ଏଥିରେ ବିଜୟ ଦେବରକୋଣ୍ଡା ମଧ ପହଞ୍ଚିଥିଲେ ।ଏହି ଇଭେଣ୍ଟ ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ବିଜୟ ଦେବରକୋଣ୍ଡା ରଶ୍ମିକା ମନ୍ଦାନାଙ୍କ ହାତ ଧରି ଚୁମ୍ବନ କରୁଥିବା ଦେଖାଯାଇଛି ।ଏହା ପ୍ରଥମ ଥର ଯେତେବେଳେ ବିଜୟ ଦେବରକୋଣ୍ଡା ରଶ୍ମିକା ମନ୍ଦାନା ପାଇଁ ତାଙ୍କ ପ୍ରେମକୁ ପ୍ରକାଶ କରିଛନ୍ତି । ଏହା ପରେ ରଶ୍ମିକାଙ୍କ ମୁହଁ ଲାଜ ଭରିଯାଇଥିଲା । ଏହା ସହିତ ତାଙ୍କ ଆଖପାଖରେ ଥିବା ଫଟୋଗ୍ରାଫରମାନେ ଓ ଫ୍ୟାନ୍ମାନେ ବହୁ ଖୁସି ଦେଖାଯାଇଥିଲେ ।ଭିଡିଓକୁ ଦେଖିବା ପରେ ସୋସିଆଲ୍ ମିଡିଆରେ ଫ୍ୟାନ୍ସଙ୍କର ଖୁସି କହିଲେ ନସରେ । ଜଣେ ୟୁଜର୍ସ ଲେଖିଛନ୍ତି, 'ତାଙ୍କର ରିୟଲ୍ ଲାଇଫ୍ ଗର୍ଲଫ୍ରେଣ୍ଡ୍' । ଅନ୍ୟ ଜଣେ ୟୁଜର୍ସ ଲେଖିଛନ୍ତି 'ହାଏ' ।ଏକ ରିପୋର୍ଟ ଅନୁଯାୟୀ, ଉଭୟ ୨୦୨୬ ଫେବୃଆରୀରେ ବିବାହ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି । ଯଦିଓ ଉଭୟଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସେମାନଙ୍କର ବିବାହ କିମ୍ବା ର୍ନିବନ୍ଧ ସଂକ୍ରାନ୍ତରେ ଘୋଷଣା ହୋଇନାହିଁ ।ରଶ୍ମିକା ଏବଂ ବିଜୟ ୨୦୧୮ର ହିଟ୍ ଫିଲ୍ମ ଗୀତା ଗୋବିନ୍ଦମ୍ ଏବଂ ୨୦୧୯ର ଡିୟର କମ୍ରେଡ୍ ଫିଲ୍ମରେ ଏକାଠି ଅଭିନୟ କରିବା ପରଠୁ ଚର୍ଚ୍ଚାରେ ରହିଛନ୍ତି । ଏହି ସମୟରେ ସେମାନେ ପରସ୍ପରର ନିକଟତର ହୋଇଥିଲେ।

# ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରେ ତେଜପତ୍ର



ମଧୁମେହ ଏକ ଜଟିଳ ଶାରୀରିକ ସମସ୍ୟା । ମଧୁମେହକୁ ସଂପୂର୍ଣ୍ଣଭାବେ ଦୂର କରାଯାଇପାରିବ ନାହିଁ, କିନ୍ତୁ ଔଷଧ କିମ୍ବା ଘରୋଇ ଉପଚାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ଏହି ଘରୋଇ ଉପଚାରରେ ତେଜ ପତ୍ରର ବ୍ୟବହାର ଅତି ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ନୁହେଁ ବରଂ ଅନ୍ୟାନ୍ୟ ଅନେକ ଲାଭ ମଧ ଦେଇଥାଏ । ମଧୁମେହ ରୋଗୀଙ୍କ ପାଇଁ ତେଜପତ୍ରର ବ୍ୟବହାର ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ରକ୍ତରେ ଶର୍କରା ସ୍ତରକୁ ସ୍ୱାଭାବିକ ରଖିବାରେ ସାହାଯ୍ୟ କରେ। ଏହା ହୃଦୟକୁ ମଧ ଉପକାର କରିଥାଏ । ତେଜପତ୍ର ଗୁଡିକରେ ଭିଟାମିନ୍-ଏ ଏବଂ ଭିଟାମିନ୍-ସି ରହିଛି । ଭିଟାମିନ୍-ଏ ଆମ ଆଖି ସହିତ ଜଡିତ ସମସ୍ୟାକୁ ଦୂର କରିବା ପାଇଁ କାର୍ଯ୍ୟ କରିଥାଏ । ଯେତେବେଳେ ଭିଟାମିନ୍-ସି ଶରୀରରେ ଧଳା ରକ୍ତ କଣିକା ସଂଖ୍ୟାକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ବାସ୍ତବରେ, ଶ୍ୱେତ ରକ୍ତ କଣିକା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ତେଜପତ୍ରର ବ୍ୟବହାର ହଜମ ଜନିତ ସମସ୍ୟା ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ଅନେକ ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାର ବ୍ୟବହାର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଘୂର୍ଣ୍ଣନ ଭଳି ସମସ୍ୟାରୁ ମୁକ୍ତି ଦେଇପାରେ । ଆପଣ ଏହାକୁ ସକାଳର ଚା ସହିତ ମଧ ଖାଇପାରିବେ । ତେଜପତ୍ରକୁ ଫୁଟାନ୍ତୁ ଏବଂ ଥଣ୍ଡା ହେବା ପରେ ସେହି ପାଣି ପିଅନ୍ତୁ । ଏହା କିଡନୀ ପଥର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟାରେ ଯଥେଷ୍ଟ ଆରାମ ପ୍ରଦାନ କରିଥାଏ ।

# ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ପାଇଁ ଫେଙ୍ଗ୍‌ଶୁଇ ଟିପ୍ସ



୧. ଯୋଡ଼ା ମାଛକୁ ଘରେ ରଖିବା ଶୁଭ। କୁହାଯାଏ କି, ଘରେ ଏହି ପକ୍ଷୀମାନଙ୍କ ଏକ ଯୋଡ଼ା ପ୍ରତିମା ରଖିବା ଶୁଭ ବୋଲି ବିବେଚନା କରାଯାଏ । ଫେଙ୍ଗ୍‌ଶୁଇ ଶାସ୍ତ୍ର ଅନୁଯାୟୀ, ଏହା ଦାମ୍ପତ୍ୟ ଜୀବନରେ ସମୃଦ୍ଧତା ଆଣିଥାଏ ।

୩. ଫେଙ୍ଗଶୁଇ ଅନୁସାରେ, ଘରେ କଳା ରଙ୍ଗର କଇଁଚ, ନାଲି ପକ୍ଷୀ, ଧଳା ଡ୍ରାଗନର ଫଟୋ ରହିବା ଶୁଭ ଅଟେ। କୁହାଯାଏ କି ଘରେ ନେଗେଟିଭ୍ ଶକ୍ତି ପ୍ରବେଶ କରିପାରିବ ନାହିଁ।

୪. ଘରେ ନଦୀ ବା ଝରଣାର ଫଟୋକୁ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ୍। ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

୫. ଯଦି ଆପଣଙ୍କ ଅଫିସରେ ବଡ଼ ହଲ୍ ଅଛି, ତାହେଲେ ଫେଙ୍ଗଶୁଇ ଅନୁସାରେ ଧାତୁରେ ତିଆରି କୌଣସି ଜିନିଷ ରଖିବା ଶୁଭ ହୋଇଥାଏ । କୁହାଯାଏ କି, ଏହାଦ୍ୱାରା ଧନବୃଦ୍ଧିରେ ସମସ୍ୟା ଆସେ ନାହିଁ।

୬. ଫେଙ୍ଗଶୁଇ ଅନୁସାରେ, ସବୁଜ ଗଛକୁ ମାଟିର ପାତ୍ରରେ ଘର ଭିତରେ ପୂର୍ବ ଦିଗରେ ରଖିବା ଉଚିତ୍। ଏଭଳି କରିବା ଦ୍ୱାରା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆସିଥାଏ।

# ଉତ୍ତର ଭାରତର ଅତି ପବିତ୍ର ତୀର୍ଥ



ଶାସ୍ତ୍ରରେ କୁହାଯାଇଛି ଯେ ଆତ୍ମାର ଅନ୍ତିମ ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହ ମିଳନ । ସେଥିପାଇଁ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟକୁ ଘୂରି ବୁଲିଥାଏ । ଧର୍ମଗ୍ରନ୍ଥରେ ମୋକ୍ଷ ପ୍ରାପ୍ତିର ଅନେକ ବିଧି ଏବଂ ବ୍ରତ ସମ୍ପର୍କରେ ବର୍ଣ୍ଣନା ରହିଛି । ଏଥିସହିତ କେତେକ ଏପରି ପବିତ୍ର ସ୍ଥାନ ରହିଛି ଯେଉଁଠି ଶରୀର ତ୍ୟାଗ କରିବା ମାତ୍ରେ ଆତ୍ମାର ଆବାଗମନ ଚକ୍ରରୁ ମୁକ୍ତି ମିଳଥାଏ ଏବଂ ଆତ୍ମା ସିଧାସଳଖ ପରମାତ୍ମାରେ ବିଲୀନ ହୋଇଯାଇଥାଏ । ସେଥିପାଇଁ ଏହିସବୁ ସ୍ଥାନରେ ଦେହତ୍ୟାଗର କାମନା କରିଥାଏ ପ୍ରତ୍ୟେକ ଆତ୍ମା । ତେବେ ଅତିଭାଗ୍ୟଶାଳୀ ଲୋକଙ୍କୁ ହିଁ ପବିତ୍ର ସ୍ଥାନରେ ଦେହତ୍ୟାଗ କରିବାର ସୁଯୋଗ ଜୁଟିଥାଏ ।

ଭଗବାନ ବିଷ୍ଣୁ ଯେଉଁ ସ୍ଥାନରେ ନିବାସ କରିଥାନ୍ତି, ତା'କୁ ବୈକୁଣ୍ଠ କୁହାଯାଇଥାଏ । ପୃଥିବୀରେ ଏପରି ଏକ ସ୍ଥାନ ରହିଛି, ଯେଉଁଠାରେ ଭଗବାନ ୬ମାସ ଧରି ନିବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ସେଥିପାଇଁ ଏହି ସ୍ଥାନକୁ ବୈକୁଣ୍ଠ କୁହାଯାଇଥାଏ । ଏହି ପବିତ୍ର ସ୍ଥାନ ହେଉଛି ବଦ୍ରିନାଥ ତୀର୍ଥ । ମର୍ତ୍ତ୍ୟର ବୈକୁଣ୍ଠ ରୂପେ ପ୍ରସିଦ୍ଧ ଏହି ସ୍ଥାନରେ ଦେହତ୍ୟାଗ କରୁଥିବା ଆତ୍ମାର ମିଳନ ପରମାତ୍ମାଙ୍କ ସହ ହୋଇଥାଏ । ଅକାଳ ମୃତ୍ୟୁ କାରଣରୁ ଯେଉଁ ବ୍ୟକ୍ତିର ଆତ୍ମା ଘୂରି ବୁଲୁଥାଏ, ସେହି ବ୍ୟକ୍ତିର ଅନ୍ତିମ ସଂସ୍କାର ବଦ୍ରିନାଥରେ କରାଗଲେ ତା'କୁ ମୁକ୍ତି ମିଳିଥାଏ ।

ଏହିପରି ଏକ ପବିତ୍ର ସ୍ଥାନ ହେଉଛି କାଶୀ । ଏହି ସହର ଭଗବାନ ଶିବଙ୍କ ତ୍ରୀଶୂଳ ଉପରେ ବିରାଜମାନ ବୋଲି ବିଶ୍ୱାସ କରାଯାଇଥାଏ । ଦେବ ଦେବ ମହାଦେବ କାଶୀର କତୁଆଳ ରୂପେ କାଳଭୈରବଙ୍କୁ ନିଯୁକ୍ତ କରିଛନ୍ତି । ଏହି ସ୍ଥାନକୁ ଯମରାଜ ଏବଂ ଯମଦୂତଙ୍କ ପ୍ରବେଶ ବର୍ଜିତ । ସେଥିପାଇଁ ଏଠାରେ ଦେହତ୍ୟାଗ କଲେ ନର୍କ ପ୍ରାପ୍ତି ହୋଇନଥାଏ । ଧାର୍ମିକ ନଗରୀ କାଶୀରେ ଦେହତ୍ୟାଗ କରୁଥିବା ବ୍ୟକ୍ତିର ଭଲମନ୍ଦ କର୍ମର ବିଚାର କାଳଭୈରବ କରିଥାନ୍ତି । କାଳଭୈରବଙ୍କ ଦଣ୍ଡରୁ ମୁକ୍ତ ହେବା ପରେ ଦେହତ୍ୟାଗ କରୁଥିବା ଆତ୍ମା ନିଶ୍ଚିତ ରୂପେ ପରମାତ୍ମା ସହ ମିଳିତ ହୋଇଥାଏ।

ଉତ୍ତରାଖଣ୍ଡର ପବିତ୍ର ଭୂମିରେ ରହିଛି କେଦାରଖଣ୍ଡ । ଏହି ଠାରେ ହିଁ ରହିଛି ଭଗବାନ ଶିବଙ୍କ ପବିତ୍ର ଧାମ କେଦାରନାଥ । ଏହା ହେଉଛି ମହାଶ୍ମଶାନ ଭୂମି । ମହାଶିବରାତ୍ରୀ କଥାରେ ରହିଥିବା ବର୍ଣ୍ଣନା ଅନୁଯାୟୀ କେଦାରନାଥ ଧାମରେ ଦେହତ୍ୟାଗ କରୁଥିବା ପ୍ରାଣୀର ଆତ୍ମାକୁ ଶିବଗଣମାନେ ଶିବଲୋକକୁ ନେଇଯାଇଥାନ୍ତି । ଏହି କାରଣରୁ ପ୍ରାଚୀନ କାଳରେ ଜୀବନର ମୋହରୁ ମୁକ୍ତ ହୋଇସାରିଥିବା ଲୋକମାନେ କେଦାରନାଥ ଏବଂ ବଦ୍ରିନାଥ ଯାତ୍ରା କରୁଥିଲେ । ଯେଉଁ ବ୍ୟକ୍ତି କେଦାରନାଥ ଏବଂ ବଦ୍ରୀନାଥ ଯାତ୍ରା କରିଥାଏ, ସେ ଜୀବନମରଣ ଚକ୍ରରୁ ମୁକ୍ତି ପାଇଥାଏ । ଚାରି ଧାମର ସ୍ଥାପନା କରିଥିବା ଭଗବାନ ଶଙ୍କରଙ୍କ ଅଂଶାବତାର ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଠାରେ ହିଁ ଦେହତ୍ୟାଗ କରିଥିଲେ ।

ପୃଥିବୀରେ ହରିଙ୍କ ଧାମ ବଦ୍ରିନାଥ ହୋଇଥିବା ବେଳେ ସେହି ଧାମ ନିକଟରେ ପହଞ୍ଚିବାର ଦ୍ୱାର ହେଉଛି ହରିଦ୍ୱାର । ଏହି ସ୍ଥାନରେ ଭଗବାନ ମହାଦେବଙ୍କ ମସ୍ତକରୁ ଓହ୍ଲାଇବା ପରେ ବିଷ୍ଣୁଙ୍କ ଚରଣ ଧୋଇ ପବିତ୍ର ଗଙ୍ଗା ନଦୀ ପ୍ରଥମ ଥର ସମତଳଭୂମିରେ ପ୍ରବେଶ କରିଛି । ହରିଦ୍ୱାରକୁ ଶାସ୍ତ୍ରରେ କନଖଲ କ୍ଷେତ୍ର ବୋଲି କୁହାଯାଇଛି । ଏଠାରେ ଦେବୀ ସତୀଙ୍କ ପିତା ପ୍ରଜାପତି ଦକ୍ଷ ମହାଯଜ୍ଞର ଆୟୋଜନ କରିଥିଲେ । ଏହି ଠାରେ ହିଁ ଅଗ୍ନି କୁଣ୍ଡରେ ପ୍ରବେଶ କରି ଦେବୀ ସତୀ ଆତ୍ମଦାହ କରିଥିଲେ । ସେଥିପାଇଁ ହରିଦ୍ୱାରକୁ ତପୋଭୂମି କୁହାଯାଇଥାଏ । ଏହି ସ୍ଥାନରୁ କିଛି ଦୂରରେ ସପ୍ତଋଷି ତପସ୍ୟା କରିଥିଲେ । ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏହି ଠାରେ ଗଙ୍ଗା ତଟରେ ଯେଉଁ ବ୍ୟକ୍ତି ପ୍ରାଣ ତ୍ୟାଗ କରିଥାଏ ସେ ସିଧାସଳଖ ବିଷ୍ଣୁଙ୍କ ପରମଧାମ ପ୍ରାପ୍ତି କରିଥାଏ ।

# ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା



# ବନ୍ଦେ ମାତରମ୍ ବିକଶିତ ଭାରତ ନିର୍ମାଣରେ ପଥପ୍ରଦର୍ଶକ

ଭୁବନେଶ୍ୱର,୧୩।୧୧ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମଜସ୍ କଲେଜରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କ ଗହଣରେ ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିବା ସହ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଂକଳ୍ପ ନେବାକୁ ଶପଥ ପାଠ କରାଇଥିଲେ।

ଶ୍ରୀ ପ୍ରଧାନ ଏହି ଅବସରରେ ମହାନ ରାଷ୍ଟ୍ରଭକ୍ତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଜାତୀୟ ସଙ୍ଗୀତର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଲମ୍ବା ସଂଘର୍ଷ ଏବଂ ଅଗଣିତ ରାଷ୍ଟ୍ର ସେବକଙ୍କ ବଳିଦାନ ପରେ ୧୯୪୭ରେ ଆମକୁ ସ୍ୱାଧୀନତା ମିଳିଥିଲା। ବନ୍ଦେ ମାତରମ୍ ସେହି ଜାତୀୟ ଚେତନାର ଉଦ୍‌ଘୋଷ ଥିଲା, ଯାହା ସମଗ୍ର ଦେଶକୁ ଏକ ସୂତ୍ରରେ ବାନ୍ଧିଥିଲା। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ କ୍ଲାସ୍‌ରୁମ୍‌ରେ ବନ୍ଦେ ମାତରମ୍‌ର



ସାମୂହିକ ଗାନ ଏକ ସଶକ୍ତ ପରମ୍ପରା ଭାବରେ ସ୍ଥାପିତ ହେବା ଆବଶ୍ୟକ। ଏହାଦ୍ୱାରା ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇପାରିବ। ସ୍ୱାଧୀନତା ସମୟରେ ଆଜାଦୀ ପାଇଁ ଏହାକୁ ଗାନ କରାଯାଉଥିଲା, କିନ୍ତୁ ଆଜି ଏକବିଂଶ ଶତାବ୍ଦୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଏବଂ ସମୃଦ୍ଧ ଭାରତର ନିର୍ମାଣ ପାଇଁ ବନ୍ଦେ ମାତରମ୍ ଆମର ପଥପ୍ରଦର୍ଶକ ହେବ। 'ବନ୍ଦେ ମାତରମର ଦିବ୍ୟ ଶକ୍ତି ଏବଂ ସ୍ୱଦେଶୀ ସଂକଳ୍ପର ଭାବନା ଅନୁରୂପ ଦେଶର ପ୍ରଗତିରେ ପ୍ରତ୍ୟେକ ଯୁବକଙ୍କର ଅଂଶଗ୍ରହଣ ଅନିବାର୍ଯ୍ୟ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆତ୍ମନିର୍ଭର ଭାରତର ଏହି ସଂକଳ୍ପକୁ ଆମେ ସମସ୍ତେ ମିଶି ପୂରଣ କରିବା ପାଇଁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାର୍ଥୀ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିବାର ସହିତ ମିଶି ସାମୂହିକ ଭାବରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଂକଳ୍ପ ଶପଥ ନେଇଥିଲେ। ବିଦ୍ୟାର୍ଥୀମାନଙ୍କର ଉତ୍ସାହ, ଜାତୀୟ ଗର୍ବ ଏବଂ ସ୍ୱଦେଶୀ ମୂଲ୍ୟବୋଧ ପ୍ରତି ସମର୍ପଣକୁ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ। ଏହି ସାର୍ଥକ ଆୟୋଜନ ପାଇଁ ରାମଜସ୍ କଲେଜ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କୁ ବନ୍ଦେ ମାତରମ୍‌ର ଗୌରବପୂର୍ଣ୍ଣ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଅନେକ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ପ୍ରଧାନ ଦିଲ୍ଲୀ ମେଟ୍ରୋରେ ଯାତ୍ରା କରି ରାମଜସ୍ କଲେଜରେ ପହଂଚିଥିଲେ।

# ସମବାୟ ଗୃହନିର୍ମାଣ ସମିତି ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର,୧୩।୧୧ (ମହାଭାରତ): ରାଜଧାନୀ ସମବାୟ ଗୃହନିର୍ମାଣ ସମିତି ଲିଃର ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ ବାପୁଜୀନଗରର ସ୍ଥିତ ଭେନସ୍ ଇନ୍ କନ୍‌ଭେନସନ ହଲରେ ଶତାଧିକ ସଭ୍ୟଙ୍କ ଉପସ୍ଥିତିରେ ସୁଚାରୁ ରୂପେ ଅନୁଷ୍ଠିତ ହୋଇଯାଇଅଛି। ସମିତିର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ଗତ ୨୦୧୭ ମସିହାରେ ଶେଷଥର ଅନୁଷ୍ଠିତ ସାଧାରଣ ସଭାର ବିବରଣୀ ପାଠ କରାଯାଇ କିଛି ଅଂଶ ଅନୁମୋଦିତ ହୋଇଥିବା ସ୍ଥଳେ ବାକି ଅଂଶ ଗୃହିତ ହୋଇପାରି ନାହିଁ। ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଡ଼ିଟ୍ ରିପୋର୍ଟ ଏବଂ ୨୦୨୫-୨୬ର ବଜେଟ୍ ଓଏହାର କାର୍ଯ୍ୟସୂଚୀ ଅନୁମୋଦନ ଲାଭ କରି ପାରିତ ହୋଇଯାଇଛି। ବିଶେଷ କରି ସମିତିର ବାଇ-ଲରେ ଥିବା ବ୍ୟବସାୟୀକ କାର୍ଯ୍ୟପ୍ରଣାଳୀକୁ ବୃଦ୍ଧି କରାଯିବା ସହ ଆମେଣ୍ଡମେଣ୍ଟ ମାଧ୍ୟମରେ ଅନ୍ୟକିଛି ବାଇ-ଲ ସଂଶୋଧନ ସର୍ବସମ୍ମତିକ୍ରମେ ପାରିତ କରାଯାଇଅଛି।ଏହି ସଭା ମଞ୍ଚରେ ସମିତିର ପରିଚାଳନା ପରିଷଦର ସଭ୍ୟ ଜୟନ୍ତ ପଟ୍ଟନାୟକ, ଦିଲ୍ଲୀପ ଜେନା, ଦୀପକ ପରିଡ଼ା, ଶ୍ରୀମତୀ ସଂଯୁକ୍ତା ପ୍ରଧାନ, ସେକ୍ ନିଆମତ୍ ତୁଲ୍ଲା ଓ ମନୋଜ ସେଠୀଙ୍କ ଉପସ୍ଥିତ ସାଧାରଣ ସଭ୍ୟମାନଙ୍କର ବିଭିନ୍ନ ପ୍ରଶ୍ନ ତଥା ଅନ୍ୟାନ୍ୟ ବିଷୟ ଆଲୋଚନା ମାଧ୍ୟମରେ ଗୃହିତ ହୋଇ ଲିପିବଦ୍ଧ କରାଯାଇଥିଲା। ଶେଷରେ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ହିମାଂଶୁ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିବା ସହ ସଭା ସାଙ୍ଗ କରାଯାଇଥିଲା।

# ଆକାଶବାଣୀର ସଂଗୀତ ସମ୍ମିଳନୀ



ଭୁବନେଶ୍ୱର,୧୩।୧୧ (ମହାଭାରତ): ପ୍ରସାରଭାରତୀ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ୬୭ତମ ଆକାଶବାଣୀ ସଂଗୀତ ସମ୍ମିଳନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମିଳନୀକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଆକାଶବାଣୀର ଅତିରିକ୍ତ ମହାନିର୍ଦ୍ଦେଶକ ଆନନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ଆକାଶବାଣୀ କଟକର ଉପମହାନିର୍ଦ୍ଦେଶକ ଭି.ଏମ୍. ରତ୍ନପ୍ରସାଦ, କାର୍ଯ୍ୟକ୍ରମ ମୁଖ୍ୟ ଦୁର୍ଗା ମାଝୀ ଏବଂ ସହକାରୀ ବୈଷୟିକ ନିର୍ଦ୍ଦେଶକ ମନୋଜ କୁମାର ପତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଏବଂ ଓଡ଼ିଆ ଲଘୁସଂଗୀତର ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଆକାଶବାଣୀ କଟକର ଏ ଗ୍ରେଡ଼ କଳାକାର ପ୍ରଦୀପ୍ତ ଶେଖର ମହାପାତ୍ରଙ୍କ ବଂଶୀବାଦନ ଆମନ୍ତ୍ରିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଲଘୁସଂଗୀତ କ୍ରମରେ ଡ଼ଃ ନାଜିଆ ସୟିଦ୍ ଓ ସନ୍ତୋଷୀ ପ୍ରସାଦ ମିଶ୍ରଙ୍କ କଣ୍ଠସଂଗୀତ ଏହି ସାଂସ୍କୃତିକ ସନ୍ଧ୍ୟାରେ ରାଗିଣୀ ତୋଳିଥିଲା। ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗୀତା କରିଥିଲେ କୁମାର ଚନ୍ଦ୍ର ମହାନ୍ତି, ଡ଼ଃ ଜବାହର ମିଶ୍ର, ବିଶ୍ୱରଂଜନ ନନ୍ଦ, ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ଆଶିଷ ରଞ୍ଜନ ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ ଏବଂ ପ୍ରେମ ଶଙ୍କର ଦାଶ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଦ୍ୟସ୍ମିତା ବେହେରା, ଉପସ୍ଥାପନାରେ ଥିଲେ ଡ. ମୃତ୍ୟୁଞ୍ଜୟ ରଥ ଏବଂ ସିନ୍ଧୁ ବ୍ରାଉନ୍। ଆକାଶବାଣୀ କାର୍ଯ୍ୟକ୍ରମ ବିଭାଗରୁ ପ୍ରସାରଣ ନିଷ୍ପାଦକ ବିନୟ କୁମାର ସାମନ୍ତରାୟ, ପ୍ରଜ୍ଞା ପାରମିତା ସାହୁ, ରାଜୀବ କୁମାର ମାହୁନ୍ତ ଏବଂ ଦିଲ୍ଲୀପ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଞ୍ଜୁଲତା ନାୟକ, ସସ୍ମିତ ପଶାୟତ, ସୁବାଶିଷ ରାଜଗୁରୁ ମହାପାତ୍ର ଏବଂ ଅନ୍ୟ ସହଯୋଗୀ ଯନ୍ତ୍ରୀମାନେ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

# ସାମସଙ୍ଗ ଟିଭି ପ୍ଲସ ପ୍ରଥମ ଥର ସୃଜନଶୀଳତା ସହିତ ସାମିଲ

ଭୁବନେଶ୍ୱର,୧୩।୧୧ (ମହାଭାରତ): ସାମସଙ୍ଗ ଟିଭି ପ୍ଲସ, ଭାରତର ଅଗ୍ରଣୀ ବିଜ୍ଞାପନ ମୁକ୍ତ ସମର୍ଥିତ ପ୍ରଦାନକାରୀ ଟିଭି (ଏଫଏଏସଟି) ସେବା ବିଶ୍ୱସ୍ତରର ସର୍ବୋଚ୍ଚ ସ୍ତରରେ ଥିବା ସହଯୋଗୀଙ୍କ ସହିତ ସବୁଠାରୁ ବଡ଼ ଘର ସ୍କ୍ରିନରେ ସ୍ୱତନ୍ତ୍ର ଘରୋଇ ଭାବରେ ଏଫଏଏସଟି ଚାନେଲ ପ୍ରଦାନର ବ୍ୟବସ୍ଥା କରିଛି। ଭାରତରେ ଉପଲବ୍ଧ ୬ଟି ସହକାରୀ ଚାନେଲ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ମାର୍କ ରୋବରଙ୍କ ପ୍ରଥମ ଉତ୍ସର୍ଗୀକୃତ ୱାଲଡ୍ ୱାଇଡ୍ ପ୍ରିମିୟର ମୁକ୍ତ ସମର୍ଥିତ ପ୍ରଦାନକାରୀ ଷ୍ଟ୍ରିମିଙ୍ଗ ଟିଭି ଚାନେଲ। ସାମସଙ୍ଗ ଟିଭି ପ୍ଲସ ବର୍ତ୍ତମାନ ସମଗ୍ର ଭାରତରେ ଥିବା ୧୪ ମିଲିୟନରୁ ଅଧିକ ସାମସଙ୍ଗ ସ୍ମାର୍ଟ ଟିଭି ମାଧ୍ୟମରେ ୧୬୦ରୁ ଅଧିକ ଚାଚାନେଲ ଉପଲବ୍ଧର ଅଫର ପ୍ରଦାନ କରିଛି। ୭୧ ମିଲିୟନରୁ ଅଧିକ ଗ୍ରାହକଙ୍କ ସହିତ ସାମିଲ ହୋଇ, ମାର୍କ ରୋବର - ନାସାର ଜଣେ ପୂର୍ବତନ ଯନ୍ତ୍ରୀ, ଆବିଷ୍କାରକ, ଶିକ୍ଷାବିତ୍ ତଥା ପୃଥିବୀର ଜଣେ ସବୁଠାରୁ ଅଧିକ ପ୍ରଭାବ ପ୍ରଦାନକାରୀ ସ୍ରଷ୍ଟକର୍ତ୍ତା ଭାବରେ ନିଜର ବିଜ୍ଞାନ ମିଶ୍ରିତ ସିଗ୍‌ନେଟୋରୀ, ସୃଜନଶୀଳତା ତଥା ସମଗ୍ର ପୃଥିବୀର ଦୂରଦର୍ଶନକୁ ଭଲ ପାଉଥିବା ଦର୍ଶକ ମାନଙ୍କ ପାଇଁ ସେ ଅନେକ ଗୁଡ଼ିଏ ଆନନ୍ଦ ପ୍ରଦାନ କରିପାରିଛନ୍ତି। "ମୁଁ ସର୍ବଦା ବିଜ୍ଞାନ ଏବଂ ଯାନ୍ତ୍ରିକୀ କଳାକୁ ଆଗ୍ରହ ତଥା ସୃଜନଶୀଳତାର ଏକ ମିଶ୍ରିତ ଶବ୍ଦ ଭାବରେ ଏହାକୁ ବିଶ୍ୱାସ କରିଥାଏ," ମତ ଦେଇ କହିଛନ୍ତି ମାର୍କ ରୋବର। "ଏହି ଚାନେଲ ସେଭଳି ଏକ ଗତିପଥକୁ ସେହି ଉତ୍ସାହ ଉଦ୍ଦିପନା ମଧ୍ୟରେ ସମଗ୍ର ପୃଥିବୀରେ ରହିଥିବା ଅଧିକରୁ ଅଧିକ ଲୋକଙ୍କ ପାଖରେ ବିସ୍ତାର କରିପାରିଛି। ଏହା ସେଭଳି ଏକ ଶିକ୍ଷାକୁ କୌତୁହଳର ଗତିପଥରେ ପ୍ରସ୍ତୁତ କରିବା ସହିତ ଆପଣ ଯାହା କରିବାକୁ ଚାହୁଁଛନ୍ତି ଏବଂ ଯାହା କରିବାକୁ ନ ଚାହୁଁଛନ୍ତି ତାହାର ଏକ ପ୍ରସସ୍ତ ରାସ୍ତା ତିଆରି କରିପାରିଛି।"

# ସଫଳ ପରିବହନ ପ୍ରକଳ୍ପ ପାଇଁ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର,୧୩।୧୧ (ମହାଭାରତ): ନିରନ୍ତର ସହରାଞ୍ଚଳ ଗତିଶୀଳତା ପାଇଁ ଅଭିନବ ଆଭିମୁଖ୍ୟ ଅବଲମ୍ବନ କରି ଓଡ଼ିଶା ଜାତୀୟ ମାନ୍ୟତା ହାସଲ କରିଛି। ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି), ଭୁବନେଶ୍ୱରକୁ ଏହାର ଫ୍ଲାଗସିପ୍ ପଦକ୍ଷେପ ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/ୟୁଟି ପାଇଁ ରନିଂ କପି ବର୍ଗରେ ଆମ୍ ବସ୍ ଏବଂ ଆମ୍ ଇ-ରାଇଡ୍ ପାଇଁ ସହରାଞ୍ଚଳ ପରିବହନରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଗୁରୁଗ୍ରାମରେ ଅନୁଷ୍ଠିତ



ଅର୍ବାନ ମୋବିଲିଟି ଇଣ୍ଡିଆ (ୟୁଏମଆଇ) ସମ୍ମିଳନୀ ୨୦୨୫ର ଉଦଯାପନୀ ଅଧିବେଶନରେ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି) ର ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରଦ ଟ୍ରଫି ଗ୍ରହଣ କରିଥିଲେ। ଏହି ଜାତୀୟ ସମ୍ମାନ ଜନକେନ୍ଦ୍ରିତ ଏବଂ ସବୁଜ ପରିବହନ ସମାଧାନରେ ଓଡ଼ିଶାର ନେତୃତ୍ୱକୁ ଦୋହରାଇଥାଏ, ଯାହା ସମନ୍ୱିତ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ମାଧ୍ୟମରେ ଆଧୁନିକ, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସହର ନିର୍ମାଣ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଅଙ୍ଗଛେଦ ମୁକ୍ତ ଭାରତ ସଚେତନତା

ଭୁବନେଶ୍ୱର,୧୩।୧୧ (ମହାଭାରତ): ଅଙ୍ଗଛେଦ ମୁକ୍ତ ଭାରତ ବାର୍ତ୍ତା ନେଇ କିମ୍ସ ପକ୍ଷରୁ ରବିବାର ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାସ୍କୁଲାର ସୋସାଇଟି ଅଫ୍ ଇଣ୍ଡିଆ ସହଯୋଗରେ କିମ୍ସ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ 'ଅଙ୍ଗ ରକ୍ଷା-ଜୀବନ ରକ୍ଷା' ବାର୍ତ୍ତା




ସାଧାରଣ ଲୋକଙ୍କ ମଧ୍ୟରେ ପହଁଚାଯାଇଥିଲା। ଭାସ୍କୁଲାର ରୋଗ ଯୋଗୁଁ ପ୍ରତିବର୍ଷ ସାରା ଭାରତରେ ହଜାର ହଜାର ଲୋକ ଅଙ୍ଗଛେଦ କରାଇବା ପାଇଁ ବାଧ ହୋଇଥାନ୍ତି। ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ, ସମୟୋଚିତ ହସ୍ତକ୍ଷେପ ଏବଂ ନିରନ୍ତର ଜନସଚେତନତା ଦ୍ୱାରା ଏହି ଅଙ୍ଗଛେଦର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଏଡ଼ାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ହାଇଦ୍ରାବାଦସ୍ଥିତ ଏଆଇଜି ହସ୍ପିଟାଲର ଭାସ୍କୁଲାର ଏବଂ ଏଣ୍ଡୋଭାସ୍କୁଲାର ସର୍ଜରୀ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ମୁଖ୍ୟ ଡା ନିହାର ରଞ୍ଜନ ପ୍ରଧାନ ଏହି ପଦଯାତ୍ରର ନେତୃତ୍ୱ ନେଇଥିଲେ। ଏହି ପଦଯାତ୍ରା କିମ୍ସ କ୍ୟାନ୍‌ସର ସେଂଟରରୁ ଆରମ୍ଭ ହୋଇ ପଟିଆ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ଡା. ଆର୍ ସି ଦାସ, କିମ୍ସ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ କୁମାର ପଣ୍ଡା, ସର୍ଜନ ପ୍ରଫେସର ଅମରେଶ ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସୋସିଏସନ୍ ଅଫ୍ ସର୍ଜନସ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଶାଖାର ସଭାପତି ଡା. ସୁଧାଂସୁ ଶେଖର ସୂତାର, ଭୁବନେଶ୍ୱର ସର୍ଜନ କ୍ଲବ୍‌ର ବରିଷ୍ଠ ସର୍ଜନ୍ ଡା ସି.ଆର. ଦାଶ ଅନ୍ୟାନ୍ୟ ସର୍ଜନମାନେ ଅଂଶଗ୍ରହଣ କରିଥିଲେ।ରକ୍ତବାହୀ ସମସ୍ୟାର ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ସୂଚକଗୁଡ଼ିକ ଯଥା ଚାଲିବା ସମୟରେ କ୍ରମାଗତ ଗୋଡ଼ ଯନ୍ତ୍ରଣା, ପାଦରେ ଦୀର୍ଘଦିନ ଧରି ଥିବା ଅଲସର ଓ ଆଙ୍ଗୁଠିର ଚର୍ମ ବିକୃତି ଆଦି ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ପରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଅଙ୍ଗକୁ ବିପଦଜନକ ଅବସ୍ଥାରୁ ରୋକିପାରିବ ବୋଲି ସେମାନେ ମତ ଦେଇଥିଲେ।

# ସାମସଙ୍ଗ କେୟାର+ ସେବା ପ୍ରସାରିତ

ଭୁବନେଶ୍ୱର,୧୩।୧୧ (ମହାଭାରତ): ସାମସଙ୍ଗ, ଯାହାକି ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ପ୍ରସାରିତ ସାମସଙ୍ଗ କେୟାର+ ସେବା ଯାହା ମଧ୍ୟରେ ରହିଛି ଘରୋଇ ଉପକରଣ ନିମନ୍ତେ ବର୍ଦ୍ଧିତ ୱାରେଂଟି ଯୋଜନା ତଥା ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି - ରେଫ୍ରିଜିରେଟର, ୱାସିଙ୍ଗ ମେସିନ, ଏୟାର କଣ୍ଡିସନର, ମାଇକ୍ରୋୱେଭ ଓଭନ ଏବଂ ସ୍ମାର୍ଟ ଟିଭି। ସମଗ୍ର ଦେଶରେ ଯେହେତୁ ଉତ୍ସବ ପାଳନ ପରିବେଶ ପ୍ରତ୍ୟେକ ଘରେ ଭରି ହୋଇ ରହିଛି, ସାମସଙ୍ଗ ଏହି ଅବସରରେ ଏହାକୁ ଅଧିକ ପୁରସ୍କାର ପ୍ରଦାନକାରୀତା ଭାବରେ ଗ୍ରାହକ ମାନଙ୍କୁ ଅନେକ କିଛି ଅଫର ପ୍ରଦାନ କରି ସେମାନଙ୍କୁ ମାନସିକ ସ୍ତରରେ ଶାନ୍ତି ପ୍ରଦାନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ, ଯାହାକି ବର୍ଦ୍ଧିତ ସୁରକ୍ଷା ପ୍ରଦାନକାରୀତା ଏବଂ ସହଜତା ଜରିଆରେ ସମ୍ଭବ ହୋଇପାରିବ। ଗ୍ରାହକ ମାନେ ବର୍ତମାନ ଯୋଜାନ ଗୁଡ଼ିକୁ ଚୟନ କରିବେ ଯାହାର ଅବଧି ୧-୪ ବର୍ଷ ମଧ୍ୟରେ ରହିଛି ଯାହାକି ବିସ୍ତୃତ ସୁରକ୍ଷା ପ୍ରଦାନ ଏବଂ ସୁବିଧା ପ୍ରଦାନ କରିବ ଯାହାର କି ମୂଲ୍ୟ ଅତି କମ୍‌ରେ ୨ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅଧୁନତମ ସାମସଙ୍ଗ କେୟାର+ ସେବା ମଧ୍ୟ ସଫ୍ଟୱେୟାର ଅଧୁନତମ ତଥା ସ୍କ୍ରିନ ତ୍ରୁଟି ଗୁଡ଼ିକୁ ସୁଧାରିବା ପାଇଁ ଶିଳ୍ପ ଜଗତ ମଧ୍ୟରେ ରହିଥିବା ପ୍ରଥମ କଭରେଜର ଉପସ୍ଥାପନ କରିଛି।

# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୧୩।୧୧ (ମହାଭାରତ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ରେଳ ସମ୍ବନ୍ଧୀୟ ଜରୁରୀକାଳୀନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସହଭାଗୀ ମାନଙ୍କ ମଧ୍ୟରେ ପ୍ରସ୍ତୁତି ଏବଂ ସମନ୍ୱୟ ସମୀକ୍ଷା କରିବା ପାଇଁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲା । ଏହି ବୈଠକର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଅଧ୍ୟକ୍ଷତା କରିଥିଲେ ।

ରାଜ୍ୟ ପୋଲିସ, ଏନଡିଆରଏଫ (ମୁଣ୍ଡଳି ୟୁନିଟ୍), ଓଡିଆରଏଏଫ୍, ଆରପିଏଫ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ଡାକ୍ତରୀ ଦଳ ଏବଂ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଡିତ ପ୍ରମୁଖ ରେଳ ବିଭାଗର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକର ଉଦ୍ଦେଶ୍ୟ ଥିଲା ଆନ୍ତଃ-ସହଭାଗୀ ସମନ୍ୱୟକୁ ମଜବୁତ କରିବା, ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ରେଳ ପରିଚାଳନାରେ ଯେକୌଣସି ଅପ୍ରୀତିକର ଘଟଣାର ପ୍ରଭାବଶାଳୀ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା। ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ, ନିକଟ ଭବିଷ୍ୟତରେ ଏକ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ କରାଯିବାର ଯୋଜନା କରାଯାଇଛି । ପ୍ରସ୍ତାବିତ ମକ୍ ଡ୍ରିଲ୍ ଲକ୍ଷ୍ୟ ରଖିଛି ପ ଉଦ୍ଧାର ଏବଂ ପ୍ରତିକ୍ରିୟା ସଂସ୍ଥା ମଧ୍ୟରେ ସମନ୍ୱୟ, ବିପର୍ଯ୍ୟୟ ପରିଚାଳନା ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀର କାର୍ଯ୍ୟକାରିତା ମୂଲ୍ୟାଙ୍କନ, ବାସ୍ତବ ଜୀବନର ଜରୁରୀକାଳୀନ ପରିସ୍ଥିତି ସମୟରେ ଶୀଘ୍ର, ଦକ୍ଷ ଏବଂ ସମନ୍ୱିତ ପ୍ରତିକ୍ରିୟା ପାଇଁ କର୍ମଚାରୀମାନଙ୍କୁ ତାଲିମ ଏବଂ ପରିଚାଳିତ କରିବା। ଏହି ବୈଠକରେ ସମନ୍ୱୟକୁ ଉନ୍ନତ କରିବା, ବୈଷୟିକ ପ୍ରସ୍ତୁତିକୁ ଉନ୍ନତ କରିବା ଏବଂ ମିଳିତ ପ୍ରତିକ୍ରିୟା ଦକ୍ଷତା ବୃଦ୍ଧି କରିବା ପାଇଁ ସାମ୍ପ୍ରତିକ ରେଳ ଦୁର୍ଘଟଣା ଅଭିଜ୍ଞତା ବିଶ୍ଳେଷଣ କରାଯାଇଥିଲା ।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୩।୧୧ (ମହାଭାରତ): ପରମ୍ପରା ହେଉଛି ପ୍ରତ୍ୟେକ ଜାତିର ପରିଚୟ। ଏହାକୁ କେହି ଭୁଲିବା ଉଚିତ୍ ନୁହେଁ। ଆଦିବାସୀଙ୍କ ପରମ୍ପରା ଭାରତର ଇତିହାସ ଓ ସଂସ୍କୃତି ସହ ଜଡ଼ିତ। ରାଷ୍ଟ୍ରର ବିକାଶ ଲାଗି ଯୁବକ ଯୁବତୀମାନେ ଏକଜୁଟ୍ ହୋଇ କାର୍ଯ୍ୟ କରିବା ଲାଗି ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ, ଖୋର୍ଦ୍ଧା ଶାଖା ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ ପରିସର ମଧ୍ୟରେ ୭ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ, ସମ୍ମାନିତ ଅତିଥି ରୂପେ ମାଇଁ ଭାରତର ପୂର୍ବ କ୍ଷେତ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ଜିଲ୍ଲା ଯୁବ ଅଧିକାରୀ ନିଖିଲ କୋକୁଲା, ପ୍ରସନ୍ନ ମେହେର, ରମେଶ ଭୁଲିଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦେଶର ୫ଟି ରାଜ୍ୟରୁ ୨୦୦ ଯୁବ ପ୍ରତିନିଧି ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ମାଇଁ ଭାରତର ଅଧିକାରୀ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ସୁପ୍ରିମ୍ ଲେଙ୍କା, ଦେବସ୍ମିତା ସାହୁ, ସୌମ୍ୟକାନ୍ତ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ପାଇବେ ସୋଆ ଯୁବ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର,୧୩।୧୧ (ମହାଭାରତ): ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବ ନଭେମ୍ବର ୩୦ ତାରିଖରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ବର୍ଷା ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ନିମନ୍ତେ ବିଚାରକ ମଣ୍ଡଳୀ ସର୍ବସମ୍ମତି କ୍ରମେ ତାଙ୍କ ନାମକୁ ପୁରସ୍କାର ନିମନ୍ତେ ମନୋନୀତ କରିଛନ୍ତି। ଏହି ସଂକଳନରେ ୧୨ଟି ଗଳ୍ପ ରହିଛି ଯେଉଁଥିରେ ଲେଖକ ମଣିଷର ମନସ୍ତତ୍ୱ ଏବଂ ସମସାମୟିକ ଅନୁଭୂତିର ନିଛକ ପରିପ୍ରକାଶ କରିଛନ୍ତି। ତାଙ୍କର କବିତା ପରି ସ୍ୱପ୍ନ ଏବଂ ପ୍ରେମ ତାଙ୍କ ଗଳ୍ପର ମୁଖ୍ୟ ସ୍ୱର। ସେ ବର୍ତ୍ତମାନ ଆଇଆଇଟି ରୁପାର ର ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଂଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ୧୯୯୧ ମସିହାରେ ଜନ୍ମିତ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କର ୭ଟି କବିତା ସଂକଳନ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡ଼ିଆ ଅନୁବାଦ



କରିଛନ୍ତି। ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବା ଶ୍ରୀ ତ୍ରିପାଠୀ ହାଇଦ୍ରାବାଦ ସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍‌ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ନାଟକର ସଂଳାପ ଲେଖିଥିବା ବେଳେ 'ବୋତଲ ଅର୍ଜ ହେ, ଲାଷ୍ଟ ୱିସ, ଜେନେରେସନ୍ସ ଅଫ୍ ନ୍ୟୁଟନ୍ ଭଳି ନାଟକର ସଂଳାପ ଲେଖିଛନ୍ତି। ନିକଟରେ ସେ ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିୟାନ୍' (ହିନ୍ଦୀ) ନିମନ୍ତେ ସଂଳାପ ରଚନା କରିଛନ୍ତି। କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ସୃଜନାତ୍ମକ କ୍ଷେତ୍ରରେ ଲେଖୁଥିବା ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ସାହିତ କରିବା ନିମନ୍ତେ ଚଳିତ ବର୍ଷ ଠାରୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି। ଏହି ଅବସରରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ରୌପ୍ୟ ଫଳକ ଓ ଉତରୀୟ ପ୍ରଦାନ କରାଯିବ। ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଏବଂ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ସାଧନା ଏବଂ ଅବଦାନ ନିମନ୍ତେ ନଭେମ୍ବର ୨୯ ତାରିଖରେ ଆରମ୍ଭ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯିବ।

# ଆଇଆଇଟିରେ ବାର୍ଷିକ କ୍ରୀଡା ମହୋତ୍ସବ

ଭୁବନେଶ୍ୱର,୧୩।୧୧ (ମହାଭାରତ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ବାର୍ଷିକ କ୍ରୀଡା ମହୋତ୍ସବ, 'ଅଶ୍ୱମେଧ', ୭ ରୁ ୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆଇଆଇଟି ଭୁବନେଶ୍ୱରର ଛାତ୍ର ପରିଷଦ ଜିମଖାନା ଦ୍ୱାରା ଆୟୋଜିତ ହୋଇଥିଲା। ଅଶ୍ୱମେଧର ପଞ୍ଚମ ସଂସ୍କରଣରେ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣର ପରିମାଣ ବୃଦ୍ଧି ପାଇଛି, ଯାହା ଏହାକୁ ଓଡ଼ିଶାର ସବୁଠାରୁ ବଡ଼ କଲେଜ କ୍ରୀଡା ମହୋତ୍ସବ ମଧ୍ୟରୁ ଗୋଟିଏ କରିଦେଇଛି।

ଏହି ମହୋତ୍ସବରେ ବାସ୍କେଟବଲ୍, ଟେବୁଲ୍ ଟେନିସ୍, ଲନ୍ ଟେନିସ୍, ଚେସ୍, ଭାରୋତ୍ତୋଳନ, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍, ଖୋ-ଖୋ ଏବଂ ଅନ୍ୟାନ୍ୟ କ୍ରୀଡା ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ପୂର୍ବ ଜୋନ୍ ?ର ପ୍ରାୟ ୨୩ଟି କଲେଜ ଏବଂ ଅନୁଷ୍ଠାନର ୮୦୦ ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବ ବର୍ଷ ପରି, ତିନି ଦିନିଆ କାର୍ଯ୍ୟକ୍ରମ ଶେଷରେ ଆଇଆଇଟି ଭୁବନେଶ୍ୱର ପୁଣି ଥରେ ଚାମ୍ପିଅନସିପ୍ ଟ୍ରଫି ବଜାୟ ରଖିଛି।

ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କ୍ରୀଡା ମନୋଭାବ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ରାଜେଶ ରୋଶନ ଦାଶ, ଛାତ୍ର ଜିମ୍ଖାନାର ଅଧ୍ୟକ୍ଷ ଡକ୍ଟର କୋଦଣ୍ଡ ରାମ ମାଙ୍ଗିପୁଡି, କ୍ରୀଡା ଏବଂ ଖେଳ ବିଭାଗର ଫ୍ୟାକଲ୍ଟି ପରାମର୍ଶଦାତା ଡକ୍ଟର ବଙ୍କିମ ଚନ୍ଦ୍ର ମଣ୍ଡଳ ଏବଂ ଅଶ୍ୱମେଧର ଅଧ୍ୟକ୍ଷ ଡକ୍ଟର ଅଙ୍କିତ ରବିନ୍ଦ୍ର ଦେଶମୁଖ ମଧ୍ୟ ଉପସ୍ଥିତ ଥିଲେ। ପ୍ରଫେସର ରାଜେଶ ରୋଶନ ଦାଶ ସମାପନୀ ଉତ୍ସବରେ ଯୋଗ ଦେଇଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଫେଷ୍ଟର ମୁଖ୍ୟ ସଂଯୋଜକ ଚକ୍ରଧର ଆଲୁ ସଫଳତାର ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ସାମାଜିକ ସ୍ଥିତିରେ ଉନ୍ନତି

କିଛି ବର୍ଷ ମଧ୍ୟରେ ଯେତେବେଳେ ସଂରକ୍ଷିତ ବର୍ଗର ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଯିବେ ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେମାନେ ଅନ୍ୟ ଉଚ୍ଚ ବର୍ଗର ଲୋକଙ୍କ ସହ ସମାନ ବୋଲି ଅନୁଭବ କରାଯିବ, ସେତେବେଳେ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ ବୋଲି ସମ୍ବିଧାନରେ ରହିଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା କିଛି ବର୍ଗର ଲୋକଙ୍କ ପାଇଁ ଏତେ ଅନୁକୁଳ ହୋଇଯାଇଛି ଯେ, ସେମାନେ ଏହାର ପ୍ରତ୍ୟାହାର କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ଚାହୁଁଛନ୍ତି ଯେ, ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିଥାଉ। କୌଣସି ଦଳର ସତସାହସ ନାହିଁ ଯେ, ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟାହାର ସମ୍ପର୍କରେ କହିବେ। ସବୁ ଦଳ ତୁଷ୍ଟିକରଣ ରାଜନୀତିରେ ମାତିଛନ୍ତି। ଯିଏ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରିବ ଏବଂ କ୍ଷମତାକୁ ଆସିଲେ ଏହାକୁ ପ୍ରତ୍ୟାହାର କରିବ ବୋଲି କହିବ, ସେ ସଂରକ୍ଷିତ ବର୍ଗର ଭୋଟ ପାଇବ ନାହିଁ। ତା ଛଡ଼ା ଏହି ବର୍ଗର ସାଂସଦ ତଥା ବିଧାୟକମାନେ ଏଭଳି ପ୍ରସ୍ତାବକୁ ସଂସଦ ଓ ବିଧାନସଭାରେ ତୀବ୍ର ବିରୋଧ କରିବେ। ତେଣୁ ସଂରକ୍ଷଣ ବ୍ୟବସ୍ଥା ଭାରତରୁ ହଟିବ ଏକଥା ଚିନ୍ତା ବାହାରେ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସଟି ଅତ୍ୟାଚାର ନିରୋଧ ଆଇନରେ ସାମାନ୍ୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଲେ। କେବଳ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନି, ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ପ୍ରାଥମିକ ପ୍ରମାଣ ରହିଛି ବୋଲି ରିପୋର୍ଟ ଦେଲେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଲେ। ଉଦ୍ଦେଶ୍ୟ ଥିଲା ଏସଟି/ଏସସି ଅତ୍ୟାଚାର ନିରାକରଣ ଆଇନର ଦୁରୁପଯୋଗ ନହେଉ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟପୀ ହିଂସାତ୍ମକ ଆନ୍ଦୋଳନ ହେଲା। ଫଳରେ ସୁପ୍ରିମକୋର୍ଟଙ୍କ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିରୁ ଅନୁମାନ କରାଯାଇପାରେ ଯଦି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦୂର କଥା, ଯଦି ଏହାକୁ ହ୍ରାସ କରିବା ପାଇଁ ମଧ୍ୟ କୁହାଯିବ ତେବେ ଭାରତରେ କିଭଳି ହିଂସାକାଣ୍ଡ ସୃଷ୍ଟି ହେବ। ନବେ ଦଶକ ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ନେଲେ। ଏହା ବିରୋଧରେ ସାରା ଦେଶରେ ଭୟଙ୍କର ଆନ୍ଦୋଳନ ହେଲା। ଅନେକ ଯୁବକ ଯୁବତୀ ପ୍ରାଣ ହରାଇଲେ। ତଥାପି ସରକାର କେବଳ ଭୋଟ ରାଜନୀତି ପାଇଁ ନିଜ ଯିଦରେ ଅଟଳ ରହିଲେ। ଶେଷରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାଏମ ରହିଲା। ସମ୍ବିଧାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। କିନ୍ତୁ କିଛି ରାଜନୈତିକ ଦଳ ଏବେ ଓବିସି ବର୍ଗଙ୍କ ସଂଖ୍ୟା ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥାକୁ ୫୦%ରୁ ଅଧିକ କରିବା ନିମନ୍ତେ ଦାବି କରୁଛନ୍ତି। ଅର୍ଥାତ ଓବିସି ବର୍ଗଙ୍କ ପାଇଁ ୨୭%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ହେଉ ବୋଲି ସେମାନେ ଦାବି କରୁଛନ୍ତି। ଏଥିପାଇଁ କେତେକ ରାଜ୍ୟରେ ଓବିସି ଜନଗଣନା ଆରମ୍ଭ ହୋଇଛି। ଜାତିଭିତ୍ତିକ ଜନଗଣନା ପାଇଁ ବିଭିନ୍ନ ରାଜନୈତିକ ଦଳ ଦାବି କରୁଛନ୍ତି। ଏହା ଏକ ମାରାତ୍ମକ ଚିନ୍ତାଧାରା। ଏହା ଦ୍ୱାରା ଜାତି ଭେଦ ଆହୁରି ଉତ୍କଟ ହେବ। ଏକ ନିର୍ଦ୍ଦିଷ୍ଟ ବର୍ଗର ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଚିନ୍ତାଧାରା ରୁଗ୍ଣ ଚିନ୍ତାଧାରା। ସେଭଳି ହେଲେ ଉଚ୍ଚ ବର୍ଗର ଅନେକ ମେଧାବୀ ଏବଂ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେବେ।

“

*୧୯୫୪ ମସିହା ଓଡିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା ।*

# ମାତୃଭାଷାର ବିକଳ୍ପ ନାହିଁ

॥ ଅଜୟ କୁମାର ବେହେରା ॥

ମା'ର ସର୍ବପ୍ରଥମ ଭାଷା ଯେଉଁଟାକି ସେ ଶିଶୁକୁ ପ୍ରଥମରେ କହିଥାଏ, ସେ ଶିଶୁଟି ପାଇଁ ତାହା ପାଲଟିଯାଇଥାଏ ମାତୃଭାଷା । ଭାଷା ହିଁ ଭାବପ୍ରକାଶର ଏକମାତ୍ର ମାଧ୍ୟମ । ପୃଥିବୀରେ ଯେତେବେଳେ କୌଣସି ଭାଷା ନଥିଲା, ସେତେବେଳେ ଆଦିମାନବ ବିଭିନ୍ନ ଧ୍ୱନି ମାଧ୍ୟମରେ ତା' ମନ ହୃଦୟର କଥା, ଦୁଃଖ, ଯନ୍ତ୍ରଣା ଏବଂ ଆନନ୍ଦର ଭାବକୁ ପ୍ରକାଶ କରୁଥିଲା ସେତେବେଳେ ଏହା ଥିଲା ମାନବ ଜାତିର ଏକମାତ୍ର ଭାଷା । ପରବର୍ତ୍ତୀ ସମୟରେ ବିଭିନ୍ନ ଭାଷାର ଆବିର୍ଭାବ ହେଲା । ସେ ଭାଷା ସାହିତ୍ୟର ଭାଷା, ଧ୍ୱନୀ ଭାଷା, ସାଂକେତିକ ଭାଷା, ଲିପି ଭାଷା, କଥିତ ଭାଷା ଇତ୍ୟାଦି। ଏହି ଭାଷା ମାଧ୍ୟମରେ ମନୁଷ୍ୟ ହୃଦୟ ପ୍ରତିଟି ଚିନ୍ତା, ଚେତନା, ଆବେଗକୁ ରୂପ ଦେଉଥିଲା । ମା କ୍ଷୀର ପରି ମାତୃଭାଷା ଅମୃତ ସମାନ ହେଉଥିଲା । ଏହାରି ମାଧ୍ୟମରେ ମନର ଭାବକୁ ସହଜ ଓ ସରଳ ଭାବରେ ବୁଝି ହୁଏ ବା କାହାକୁ ବୁଝାଇହୁଏ । ମା ଠାରୁ ଶିକ୍ଷାଲାଭ କରିଥିବା ପ୍ରଥମ ଭାଷାଟି ଶିଶୁ ପାଇଁ ହୋଇଥାଏ ତାର ମାତୃଭାଷା ।

୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ବଙ୍ଗଳା ପ୍ରଦେଶ ଧର୍ମକୁ ନେଇ ଦୁଇଭାଗ ହେଲା । ଏହାର ପଶ୍ଚିମ ଅଂଶଟି ଭାରତ ସହିତ ରହିଲା । ଯାହାକୁ ଆମେ ପଶ୍ଚିମବଙ୍ଗ ବୋଲି କହୁଛୁ । ଏହି ଅଂଶଟି ହିନ୍ଦୁ ଧର୍ମ ପ୍ରବଣ ଅଞ୍ଚଳ । ଏହାର ପୂର୍ବାଂଶଟି ପାକିସ୍ତାନ ସହିତ ମିଶିଲା । ସେତେବେଳେ ଏହାକୁ କୁହାଗଲା ପୂର୍ବ ପାକିସ୍ତାନ । ଏହି ବିଭାଜନ ପରେ ଅର୍ଥନୈତିକ, ସାଂସ୍କୃତିକ, ଭାଷାଗତ ପାର୍ଥକ୍ୟ ନେଇ ପୂର୍ବ ଏବଂ ପଶ୍ଚିମ ପାକିସ୍ତାନ ମଧ୍ୟରେ ସର୍ବଦା କଳହ ଓ ଦ୍ୱନ୍ଦ ଲାଗି ରହିଲା । ଏହାର ପରିମାଣ ଏପରି ହେଲା ଯେ ୧୯୪୮ ମସିହାରେ ପାକିସ୍ତାନ ସରକାର ପୂର୍ବ ପାକିସ୍ତାନ ଉପରେ ଜୋରକରି ଉର୍ଦ୍ଦୁକୁ ଜାତୀୟ ଭାଷା ରୂପେ ଲଦି ଦେଲା । ଏହା ପୂର୍ବ ପାକିସ୍ତାନ ବା ବଙ୍ଗଳାଭାଷା କହୁଥିବା ଲୋକଙ୍କୁ ବାଧିଲା । ତାଙ୍କର ମାତୃଭାଷା ହୋଇଥିବାରୁ ତାଙ୍କ ଉପରେ ଏହା ଲଦି ଦେବା ନେଇ ସେମାନେ ଏହାର ତୀବ୍ର ବିରୋଧ କରିବା ସହିତ ଆନ୍ଦୋଳନ କଲେ । ଢାକା ବିଶ୍ୱ ବିଦ୍ୟାଳୟର ଛାତ୍ରମାନେ ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇ ପଡିଲେ । ସମଗ୍ର ପୂର୍ବ ବଙ୍ଗଳା ଭାଷା କହୁଥିବା ବ୍ୟକ୍ତିମାନେ ମଧ୍ୟ ସାମିଲ ହେଲେ । ଏହାକୁ ଦମନ କରିବା ପାଇଁ ଫେବ୍ରୁଆରୀ ୨୧ ତାରିଖ ୧୯୫୨ ମସିହାରେ ପାକିସ୍ତନ ସରକାରଙ୍କ ପକ୍ଷରୁ ଗୁଳି ଚାଲିଲା ଏବଂ ସେହି ଗୁଳିରେ ଚାରି ଜଣ ଛାତ୍ର ସହିଦ ହେଲେ । ଏହା ଥିଲା ମାତୃଭାଷାର ସୁରକ୍ଷା ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପ୍ରଥମ ସଂଗ୍ରାମ । ଯେଉଁ ଚାରିଜଣ ଛାତ୍ର ମାତୃଭାଷା ପାଇଁ ନିଜ ଜୀବନକୁ ବାଜି ଲଗାଇଦେଲେ ତାହାର ଉଦାହରଣ ପୃଥିବୀରେ ବିରଳ । ଶେଷରେ ବାଧ ହୋଇ ପାକିସ୍ତାନ ସରକାର ୧୯୫୬ ଫେବ୍ରୁଆରୀ ମାସରେ ବଙ୍ଗଳା ଭାଷାକୁ ସରକାରୀ ଭାଷା ଭାବରେ ସ୍ୱୀକୃତି ଦେଲେ । ବଙ୍ଗଳାଦେଶ ପଶ୍ଚିମ ପାକିସ୍ତାନ ବିରୁଦ୍ଧରେ ସଂଗ୍ରାମ କରି ୧୯୭୧ ମସିହାରେ ସ୍ୱାଧୀନ ହେଲା ଏବଂ ବଙ୍ଗଳାଭାଷା ସେବେଠାରୁ ସରକାରୀ ଭାଷାରୂପେ ସ୍ୱୀକୃତି ଲାଭ କଲା । ଭାଷାକୁ ନେଇ ଯେଉଁ ସବୁ ଘଟଣା ଘଟିଯାଇଥିଲା ତାହା ଉପରେ ତର୍ଜମା କରି ମିଳିତ ଜାତିସଂଘ ୧୭.୧୧.୧୯୯୯ ମସିହାରେ ଭାଷା ପାଇଁ ସହୀଦ ହୋଇଥିବା ଚାରି ଭାଷା ଯୋଦ୍ଧା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇ ଫେବ୍ରୁଆରୀ ୨୧କୁ ଆନ୍ତର୍ଜାତିକ ମାତୃଭାଷା ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତି ନେଲେ ।

୨୦୦୦ ମସିହା ଫେବୃଆରୀ ପରଠାରୁ ପ୍ରତିବର୍ଷ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁଭାଷାପଣ ପ୍ରଚାର ପାଇଁ ଉକ୍ତ ଦିବସ ପାଳିତ ହୋଇଆସୁଛି। ସମସ୍ତ ଭାଷାକୁ ସମ୍ମାନ ଦେବା, ସୁରକ୍ଷା ଦେବା ସମସ୍ତଙ୍କର କର୍ତବ୍ୟ। ସମଗ୍ର ବିଶ୍ୱରେ ପ୍ରଚଳିତ ୭୧୦୨ ଟି ଭାଷା ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ ୩୭। ନିଶ୍ଚିତ ଏହା ଗର୍ବର ବିଷୟ ମାତ୍ର ଓଡ଼ିଶା ସୀମାନ୍ତରେ ଆମ ମାତୃଭାଷା ଓ ମାତୃଭୂମୀ ପ୍ରତି ଯେଉଁ ସମସ୍ୟା ଉପୁଜିଛି ତାହା ଗମ୍ଭୀର ବିଷୟ। କୋଟିଆ ଠାରେ ଆନ୍ଧ୍ର ତା'ର ଆଧିପତ୍ୟ ଜାହିର କରିବା ସହିତ ସେଠାରେ ନିର୍ବାଚନ କରାଇବା ନିଶ୍ଚିତ ଭାବେ ସମସ୍ତ ସ୍ୱାଭିମାନୀ ଓଡ଼ିଆଙ୍କ ମନରେ ଗଭୀର କୁଠାରଘାତ କରିଛି। ସରକାର ଏ ଦିଗରେ ପୂର୍ବରୁ ସଜାଗ ରହିଥାନ୍ତେ ତେବେ ଏପରି ପରିସ୍ଥିତି ଉପୁଜିନଥାନ୍ତା। ରାଜନୈତିକ ଆରୋପ ପ୍ରତ୍ୟାରୋପ ଛାଡ଼ି ଦଳମତ ନିର୍ବିଶେଷରେ ମାତୃଭୂମୀର ସୁରକ୍ଷା ଲାଗି ସମସ୍ତେ ନିଜ ନିଜ ସ୍ତରରେ ଚେଷ୍ଟା କରିବା ଆବଶ୍ୟକ। ନିଜ ମାତୃଭାଷା ଯାହାକି ସାମୂହିକ ବିକାଶ, ଶାନ୍ତି ପ୍ରତିଷ୍ଠା ଏବଂ ଭ୍ରାତୃଭାବ ରକ୍ଷା କରି ସାରା ଦେଶରେ ବନ୍ଧୁତ୍ୱ ଭାବ ପ୍ରତିଷ୍ଠା କରାଇବା । ସମସ୍ତ ମାତୃଭାଷାକୁ ଗୁରୁତ୍ୱ ଦେବା ସହ ଭାଷାର ସୁରକ୍ଷା , ସ୍ୱାଭିମାନ ଯେପରି ରହିପାରିବ ସମସ୍ତେ ଚେଷ୍ଟା କରିବା ଉଚିତ୍। ଆମ ଓଡିଶାରେ ଭାଷାର ସମ୍ମାନ ପାଇଁ, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଯେଉଁ ମହାପୁରୁଷମାନେ ବଳିଦାନ ଦେଇଛନ୍ତି ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପଂଚସଖା, ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିଶିଷ୍ଟ ଔପନ୍ୟାସିକ ଫକୀର ମୋହନ ସେନାପତି, ହରେକୃଷ୍ଣ ମହତାବ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖଙ୍କ ଅବଦାନ ଚିରସ୍ମରଣୀୟ ।

୧୯୫୪ ମସିହା ଓଡିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା । ଦୀର୍ଘ ୮୭୮ ଦିନ ଭାଷା ଆନ୍ଦୋଳନର ନୀରବ କଳାପତାକା ପଟୁଆର ଅଭିଯାନ ଫଳରେ ସରକାର ଶେଷରେ ୨୦୧୮ ସେପ୍ଟେମ୍ବର ମାସ ୧୯ ତାରିଖରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇଲେ । ଭାଷା ଆନ୍ଦୋଳନ ଏବଂ କେତୋଟି ପ୍ରମୁଖ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମଙ୍କ ଆନ୍ତରିକ ଉଦ୍ୟମ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମଧ୍ୟ ବ୍ୟାପକଭାବେ ସରକାରଙ୍କ ଉପରେ ପ୍ରଭାବ ପକାଇଥିଲା। ଓଡ଼ିଆ ଭାଷା ହେଲା ସରକାରୀ ଭାଷା । ଓଡ଼ିଆରେ ଓଡ଼ିଶା ଶାସନ କରିବା ପାଇଁ ଆଇନ୍ ପ୍ରଣୟନ କରିବାକୁ ସରକାର ବାଧ ହେଲେ ତଥା ଯେଉଁମାନେ ଏହି ଭାଷା ଆଇନ୍‌କୁ ଉଲଙ୍ଘନ କରିବେ ତାଙ୍କ ବିରୋଧରେ ଦଣ୍ଡ ବିଧାନର ବ୍ୟବସ୍ଥା କରିବା ପାଇଁ ବିଧାନସଭାରେ ଆଇନ୍ ସଂଶୋଧନ କଲେ । ଏକ ତଥ୍ୟ ଅନୁସାରେ ସମଗ୍ର ଓଡ଼ିଶାରେ ୫୮ ପ୍ରକାରର କଥିତ ଭାଷା ପ୍ରଚଳିତ ଅଛି। ତେବେ ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ସବୁ ସରକାରୀ ଓ ବେସରକାରୀ ସଂସ୍ଥା ଓଡ଼ିଆରେ ନାମ ଫଳକ ଲେଖିବାକୁ ସରକାର ବିଜ୍ଞପ୍ତି ଜାରି କଲେ ମାତ୍ର ଏହା କେତେଦୂର କାର୍ଯ୍ୟକାରୀ କରାଯାଉଛି ତାହା ଦେଖିବା କଥା। ଏପର୍ଯ୍ୟନ୍ତ ଏହା କଡ଼ାକଡ଼ି ଭାବେ ଲାଗୁ କରାନଯିବା କାରଣ କ'ଣ ? ଆମ ମାତୃଭାଷା ପ୍ରତି ସରକାରୀ କର୍ମଚାରୀ ଓ ଅଧିକାରୀମାନେ ମନ ଓ ହୃଦୟରୁ ଏହାର ପ୍ରଚାର ପ୍ରସାର ବହୁଳ ବ୍ୟବହାର କରିବା ପାଇଁ ଚେଷ୍ଟା କରିବା କଥା ମାତ୍ର ଏହା ହେଉନାହିଁ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାଷା ଆନ୍ଦୋଳନ ଦୀର୍ଘ ୮୭୮ ଦିନ ଚାଲିବା ସହିତ ଏହାର ବହୁ ସକରାତ୍ମକ ପ୍ରଭାବ ସରକାରଙ୍କ ଉପରେ ପଡ଼ିଛି। ଯାହା ଫଳରେ ମାତୃଭାଷାରେ ସରକାରୀ ନଥିପତ୍ର ଲେଖାହେବା, ବିଦ୍ୟାର୍ଥୀଙ୍କ ଚୟନ ପରୀକ୍ଷା ଓଡ଼ିଆରେ ହେବା, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓଡ଼ିଆରେ ଆସିବା, ଗୁଗୁଲରେ ଓଡ଼ିଆ ଭାଷା ସ୍ଥାନିତ ହେବା ସହିତ ଏପରିକି ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ଲେଖନୀ ବହୁଳ ମାତ୍ରାରେ ବ୍ୟବହାର ଦେଖିବାକୁ ମିଳୁଛି। ମାତୃଭାଷା ଖିଲାପକାରୀଙ୍କୁ ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବା ସହିତ ଏହାର ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡବିଧାନ କରିବାକୁ ସରକାରଙ୍କୁ ଭାଷା ଆନ୍ଦୋଳନ ପକ୍ଷରୁ ପତ୍ର ଲେଖାଯାଇଛି। ଓଡ଼ିଆ ଭାଷା ୨୦୧୪ ମାର୍ଚ୍ଚ ୧୧ରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ଅର୍ଥାତ୍ କେନ୍ଦ୍ର ସରକାର ଏହାକୁ ମାନ୍ୟତା ଦେଲେ। ମାତ୍ର ବହୁ ଦୁଃଖ ଓ କ୍ଷୋଭର ବିଷୟ କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ଆମ ଭାଷାକୁ ସଂପୂର୍ଣ୍ଣ ଅବହେଳା କରି ଟଙ୍କାଟିଏ ମଧ୍ୟ ଅନୁଦାନ କେନ୍ଦ୍ର ସରକାର ଦେଇନାହାନ୍ତି। ଏହା ଆମ ମାତୃଭାଷା ପ୍ରତି ବୈମାତୃକ ମନୋଭାବ ନୁହେଁ କି ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ- "ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା ।" ଭଷାକୁ ନେଇ କୌଣସି ବୈଷମ୍ୟ ରହିବା ଉଚିତ୍ ନୁହେଁ । ଭାଷା ହେଉଛି ଆମ ଜନନୀ ସଦୃଶ। ଏହା ମଧ୍ୟ ଏକତାର ପ୍ରତୀକ। ଏହା ଆମ ପରମ୍ପରା, ଐତିହ୍ୟ ଓ ସାଂସ୍କୃତିକ ସଂରକ୍ଷକ ତଥା ବାହକ । ଆମ ରାଷ୍ଟ୍ରଭାଷା ହିନ୍ଦୀ ହୋଇଥିଲେ ମଧ୍ୟ ସମସ୍ତ ପ୍ରଦେଶର ଭାଷା ହିଁ ସେମାନଙ୍କର ସ୍ୱାଭିମାନର ପରିଚୟ । କୌଣସି ପରିସ୍ଥିତିରେ ମଧ ମାତୃଭାଷାର ସମ୍ମାନ ସ୍ୱାଭିମାନକୁ ଜଳାଞ୍ଜଳି ଦେବା ଉଚିତ୍ ନୁହେଁ । ମାତୃଭାଷା ପାଇଁ ଆହୁରି ଅନେକ କାମ କରିବା ପାଇଁ ବାକି ଅଛି। ତେଣୁ ସମସ୍ତେ ଯେକୌଣସି କ୍ଷେତ୍ରରେ ଥାଆନ୍ତୁ ନା କାହିଁକି ମା' ମାଟି ଓ ମାତୃଭାଷାର ସୁରକ୍ଷା ଓ ସ୍ୱାଭିମାନ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍।

ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ-୯୯୩୭୬୮୯୬୮୩

# ଈଶ୍ୱରଙ୍କ ଅସଂଖ୍ୟ ନାମ

॥ ସୌର ଚନ୍ଦ୍ର ମହାପାତ୍ର ॥

ଲୋକେ କହନ୍ତି ଗରୁଡ଼ ବିଷ୍ଣୁଙ୍କର ବାହାନ। ଶିବଙ୍କୁ ମଧ ନନ୍ଦୀବାହାନ ବୋଲି ବର୍ଣ୍ଣନା କରାଯାଏ। ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ପତ୍ନୀ ବୋଲି କୁହାଯାଏ। ଲୋକେ ଏହିପରି ଅନେକ କଥା କହନ୍ତି। ନାନା ରୂପ ଓ ନାମ ନିଜ ମନର ଭାବନା ଅନୁସାରେ ଗଢ଼ି ସେମାନଙ୍କୁ ଏହିପରି ନାନା ଗୁଣରେ ବିଭୁଷିତ କରନ୍ତି। ଭଲ ଭାବରେ ବିଚାର କଲେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବା ଯେ ପରମାତ୍ମା ପ୍ରତ୍ୟେକ ଜୀବ ଦେହରେ ବିଦ୍ୟମାନ ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ। ଯେତେବେଳେ କୁହାଯାଏ 'ଜନ୍ତୁନାଂ ନିରଜନ୍ମଂ ଦୁର୍ଲ୍ଲଭମ୍' ଅର୍ଥାତ୍ ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଜନ୍ମ ସବୁଠାରୁ ଅଧିକ ଦୁର୍ଲ୍ଲଭ, କିନ୍ତୁ ଶବ୍ଦର ଅର୍ଥ ପଶୁ ନୁହେଁ। ଯିଏ ମାତୃଗର୍ଭରୁ ଜନ୍ମ ହୁଏ, ସେ ଜନ୍ତୁ। ତେଣୁ ମଣିଷ ଜନ୍ତୁ ଗୋଟିଏ ମୂଷା ମଧ ଜନ୍ତୁ। ଏଥିପାଇଁ ଆଉ ଗୋଟିଏ ଶବ୍ଦ ଅଛି, ତାହା ହେଲା ପଶୁ। ଯିଏ ସବୁ ପ୍ରାଣୀଙ୍କର ରକ୍ଷଣାବେକ୍ଷଣ କରନ୍ତି ସେ ପଶୁପତି। ଈଶ୍ୱରଙ୍କୁ ପଶୁପତି କୁହାଯାଏ। ସେହି ଅର୍ଥରେ କୃଷ୍ଣଙ୍କର ଆଉ ଗୋଟିଏ ନାମ ହେଲା ଗୋପାଳ। ଗୋ-ବା ପ୍ରାଣୀମାନଙ୍କର ପାଳନ ଯିଏ କରନ୍ତି ସେ ଗୋପାଳ। ଏସବୁ ବିଭିନ୍ନ ନାମ, ବିଭିନ୍ନ ରୂପ ଓ ବିଭିନ୍ନ କଳ୍ପନାର ସମାହାର ଆଣିବାକୁ ହେବ। ବିଷ୍ଣୁଙ୍କୁ ଲକ୍ଷ୍ମୀପତି, ଆଉ ବ୍ରହ୍ମାଙ୍କୁ ସରସ୍ୱତୀନାଥ ବୋଲି ବର୍ଣ୍ଣନା ନକରି, ପରମାତ୍ମାଙ୍କୁ ଗୋଟିଏ ନାମରେ ଅଭିହିତ କଲେ ଭଲ ହେବ। ଧରାଯାଉ ସେ ନାମଟି ହେଲା ପସଲନାଥ। ପରମାତ୍ମାଙ୍କ ପାଇଁ ଏହି ଗୋଟିଏ ନାମ ବ୍ୟବହାର କଲେ ନାମ ଓ ରୂପର ସବୁ ବାଦ-ବିବାଦ ଦୂର ହୋଇଯିବ। ଏ ଶବ୍ଦର ଅର୍ଥ ଜୀବଜଗତର ନାଥ। ପ-ପାର୍ବତୀ, ସ-ସରସ୍ୱତୀ, ଲ-ଲକ୍ଷ୍ମୀ, ଏ ତିନିଜଣଙ୍କର ନାଥ ଯିଏ ସେ ପସଲନାଥ, ଆମେ ଶବ୍ଦଟିକୁ ଏପରି ଅର୍ଥ କରିପାରିବା।

ଆମେ ବର୍ତ୍ତମାନ ଏହି ଦେବମାନଙ୍କର ବାହନ ଗୁଡ଼ିକର ଅର୍ଥ ବିଷୟରେ ଚିନ୍ତା କରିବା। ଏହି ତିନି ବାହାନ ହେଲେ ଗରୁଡ଼, ନନ୍ଦୀ ଏବଂ ହଂସ। ଆମେ ଏହି ବାହାନତ୍ରୟଙ୍କୁ ମଧ ଗୋଟିଏ ନାମରେ ପରିଚିତ କରାଇପାରିବା। ତିନିଦେବତାଙ୍କୁ ଯଦି ଆମେ ବିହଗ ବାହାନ କହିବା, ତାହାହେଲେ ସାମ୍ୟ ଆସିଯିବ। ବି-ବୃଷଭ, ହ-ହଂସ, ଗ-ଗରୁଡ଼। ତେଣୁ ସବୁ ଦେବତା ମାନଙ୍କର ବାହାନ ଗୁଡ଼ିକ ପାଇଁ ଗୋଟିଏ ଶବ୍ଦ ହୋଇଗଲା। ଶଙ୍କର ଶିଷ୍ୟ ଏହି ଭାବରେ ହିଁ ଶ୍ରୀପତି ଶବ୍ଦଟି ବ୍ୟବହାର କରିଛନ୍ତି। ସେଥିରେ ସଜ୍ଜନସଙ୍ଗ ଶବ୍ଦଟି ମଧ ସେ ପ୍ରୟୋଗ କରିଛନ୍ତି। ସେ କହିବାର ଅର୍ଥ



ହେଲା କେବଳ ସତସଙ୍ଗ ହିଁ ଦୁଷ୍ଟଚିନ୍ତାକୁ ଦୂର କରିପାରିବ। ଏଥିପାଇଁ ପୂଜା, ଉପାସନା, ତୀର୍ଥଭ୍ରମଣ ଯଥେଷ୍ଟ ହେବନାହିଁ। ସାଧୁ-ସଜ୍ଜନଙ୍କ ସଙ୍ଗେ ରହିଲେ ସ୍ୱତଃ ଶୁଦ୍ଧଭାବ ଓ ଶୁଦ୍ଧଗୁଣ ବଢ଼ିବ। ମଣିଷର ଭଲଗୁଣ ତାର ସଙ୍ଗ ଉପରେ ନିର୍ଭର କରେ। ତେଣୁ ସଦଗୁଣ ପରିପୋଷଣ କରିବାକୁ ଚାହିଁଲେ ସର୍ବଦା ସତସଙ୍ଗ କରିବା। ସତସଙ୍ଗ ସେଥିପାଇଁ ଏତେ ଦରକାରୀ ବୋଲି ଶଙ୍କରଶିଷ୍ୟ ଶ୍ଳୋକଟିର ତୃତୀୟ ପାଦରେ କହିଛନ୍ତି।

ଶ୍ଳୋକଟିର ଚତୁର୍ଥ ପାଦରେ ଦୀନ-ଦୁଃଖୀଙ୍କୁ ଧନଦାନ କରିବା ପାଇଁ କୁହାଯାଇଛି। ସନ୍ନ୍ୟାସୀମାନଙ୍କର ତ ପରିବାର ନାହିଁ, ସେମାନଙ୍କୁ ଦାନ କରିବା ଏତେ ଆବଶ୍ୟକ ନାହିଁ, ବରଂ ଦୁଃଖୀ ପରିବାରର ଦୁଃଖମୋଚନ ପାଇଁ ଯଥାସମ୍ଭବ ଦାନ କରିବା ଉଚିତ। ଯାହା ରୋଜଗାର କରିବ, ସେଥିରୁ କିଛି ଅଂଶ ଭବିଷ୍ୟତ ପାଇଁ ଓ ପିଲାମାନଙ୍କ ପାଇଁ ସଞ୍ଚୟ କରିବ, କିଛି ଅଂଶ ସତକର୍ମ, ଦାନ-ଧର୍ମରେ ଖର୍ଚ୍ଚ କରିବ। ତାହାହେଲେ ଯାଇ ଧନର ସତବିନିଯୋଗ ହେଲା ବୋଲି କୁହାଯିବ। ଅଧିକାଂଶ ଲୋକ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କର କାମନା ପୂର୍ଣ୍ଣ ହେଲେ। ନିଜର ଅଭିଳାଷ ଅନୁସାରେ ଜୀବନ ନ ଚାଲିଲେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ କିଏ ? ମାତ୍ର ଏସବୁ ବିଚାର ସହିତ ଈଶ୍ୱରଙ୍କ ଅସ୍ତିତ୍ୱର କିଛି ସମ୍ବନ୍ଧ ନାହିଁ। ମନର ଦୁଷ୍ଟ ଭାବନା କ୍ରମଶଃ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ଦୁରାଭ୍ୟାସକୁ ନିସ୍ପୃହ ସାଧନା ବିଧି ଦ୍ୱାରା ଦୂର କରିହେବ ନାହିଁ। ଗୋଟିଏ ଛୋଟ କଥନିକାଟି ଉପସ୍ଥାପନ କରୁଛି। ଜଣେ ଲୋକ ଅଗ୍ନିମାନ୍ଦ୍ୟ ରୋଗ ଭୋଗୁଥିଲେ। ସେ ଅନେକ ଔଷଧ ଖାଇଲା, ମାତ୍ର କିଛି ଲାଭ ହେଲା ନାହିଁ। ରୋଗଟି କ୍ରମଶଃ ଚିରସ୍ଥାୟୀ ହୋଇଗଲା। ସୌଭାଗ୍ୟକୁ ସେଠାକୁ ଜଣେ ସାଧୁ ଆସିଲେ, ଆଉ ତାର ରୋଗର ଉପଶମ ପାଇଁ ତାକୁ ପାଟିରେ ଖଣ୍ଡ ଲୁଣ ରଖି ଶୋଷିବାକୁ କହିଲେ। କିଛି ସମୟ ଏପରି କଲାପରେ ତାକୁ ଅନେକ ଭଲ ଲାଗିଲା। ସେଇ ଲୋକ ଉତ୍ସବ ଦିନ ମାନଙ୍କରେ ପିଲାମାନଙ୍କୁ ମିଠେଇ ବାଣ୍ଟେ। ଗୋଟିଏ ଦୀପାବଳୀ ଉତ୍ସବରେ ଲଡୁ ବାଣ୍ଟିବା ପାଇଁ ଠିକ କରି ସେ ଦୋକାନକୁ ଦୋକାନ ବୁଲି ଲଡୁ ଚାଖିଲା। ମାତ୍ର ସବୁଯାକ ତାକୁ ଲୁଣିଆ ଲାଗିଲା। ଜଣେ ଦୋକାନୀ ସେ ଲୋକଟି ପାଟିରେ ଲୁଣ ରଖିବା କଥାଟି ଜାଣିଥିଲା ତେଣୁ ଲଡୁ ଚାଖିବା ଆଗରୁ ପ୍ରଥମେ ତାକୁ ପାଟି ଭଲ କରି ଧୋଇବାକୁ କହିଲା। ପାଟି ଧୋଇସାରିଲା ପରେ ଲୋକଟି ଲଡୁ ଚାଖି ଦେଖିଲା ଠିକ ମିଠା ଲାଗୁଛି। ଦୁରାଭ୍ୟାସର ବଶ ଥିବାଯାଏ ଆମ୍ଭେମାନେ ସତସଙ୍ଗର ମଧୁରତା, ପବିତ୍ରତା ଅନୁଭବ କରି ପାରିବା ନାହିଁ। ମନକୁ ନିର୍ମଳ କଲେଯାଇ ଆମେ ସତସଙ୍ଗ ଦ୍ୱାରା ଉପକୃତ ହେବା, ଆଉ ଆତ୍ମାର ଆନନ୍ଦ ପାଇପାରିବା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

# ଫୁଲ

ଅନୀତା ପଟ୍ଟନାୟକ

ନନ୍ଦବାବୁ ଓ ତାଙ୍କର ପତ୍ନୀ ସୁଗନ୍ଧାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଥିଲେ। ଝିଅ କୋମଳ ଓ ପୂଜା ଓ ପୁଅ ଉପହାର ସବୁବେଳେ ଛୁଟି ଦିନ ମାନଙ୍କରେ ବିଭିନ୍ନ ଦର୍ଶନୀୟ ସ୍ଥାନକୁ ବୁଲିଯିବାକୁ ଭଲ ପାଉଥିଲେ। ସୁଗନ୍ଧା ମନ୍ଦିର ପରିଦର୍ଶନକୁ ଭଲ ପାଉଥିଲେ। ଆନନ୍ଦଙ୍କୁ ଝରଣା ଓ ଜଙ୍ଗଲିଆ ସ୍ଥାନ ତାଙ୍କର ବହୁତ ପସନ୍ଦ ଥିଲା। କୋମଳ ଓ ପୂଜାଙ୍କୁ ବିଭିନ୍ନ ଉଦ୍ୟାନ ବୁଲିବାକୁ ଭଲ ଲାଗୁଥିଲା। ଉପହାର ପଶୁପକ୍ଷୀ ଜୀବଜନ୍ତୁ ଥିବା ସ୍ଥାନକୁ ଯିବାକୁ ପସନ୍ଦ କରୁଥିଲା।

ଉପହାର ମନରେ ଅନେକ ପ୍ରଶ୍ନ। ଯଥା ଉଦ୍ୟାନ ତିଆରି କରିବା ବିଭିନ୍ନ ପ୍ରକାର ଫୁଲରେ ଉଦ୍ୟାନକୁ ସଜାଇବା ଇତ୍ୟାଦି। ଏକ ମୂଲ୍ୟହୀନ କାର୍ଯ୍ୟକ୍ରମ। ସେ ଏପରି ଭାବେ କାରଣ ବୁଲିଯିବା କଥା ଭାବିବା ମାତ୍ରେ କୋମଳ ଓ ପୂଜା ବିଭିନ୍ନ ଉଦ୍ୟାନର ନାମ ନେଇଥାନ୍ତି। ବାପା ବିଭିନ୍ନ ଝରଣା ଓ ଜଙ୍ଗଲର ନାମ ନେଇ ସେଠାକୁ ନେବାକୁ ଚେଷ୍ଟା କରନ୍ତି। ମାଙ୍କର ଉପଦେଶ ପିଲାଙ୍କୁ ସବୁବେଳେ ମନ୍ଦିର ବୁଲାଇ ନେବା କଥା। ଉପହାରର ମତକୁ କେହି ପସନ୍ଦ କରନ୍ତି ନାହିଁ। ତେଣୁ ତାର ମନରେ ଭାରି ଦୁଃଖ। ଦିନେ ରାଜ୍ୟପାଳଙ୍କର ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ଖୋଲାଯାଇଥିଲା। କୋମଳ ଓ ପୂଜାଙ୍କର ଅନୁରୋଧ କ୍ରମେ ଆନନ୍ଦ, ସୁଗନ୍ଧା, ଉପହାର ସମସ୍ତେ ମିଶି ଉଦ୍ୟାନକୁ ବୁଲି ବାହାରିଲେ। ଉପହାର କୋମଳକୁ ପଚାରିଲା ତତେ ଫୁଲ ଦେଖିବାକୁ କାହିଁକି ଭଲ ଲାଗେ ? ସେ କହିଲା ମତେ ସପ୍ତରଙ୍ଗ ଭଲ ଲାଗେ। ଫୁଲ ମଧ୍ୟରେ ସେ ସପ୍ତରଙ୍ଗକୁ ଦେଖିଲେ ମତେ ଆହୁରି ଭଲ ଲାଗେ। ଉପହାରକୁ ଏକଥା ପସନ୍ଦ ହେଲାନାହିଁ। କହିଲା ବାଘ ନିଶ ମହଲାନା। ପୂଜା କହିଲା ଠିକ କହିଛୁ। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ଲାଲ, ନାରଙ୍ଗୀ ଏସବୁ ରଙ୍ଗ ଠାକୁରଙ୍କର ଅତିପ୍ରିୟ। ସୁଗନ୍ଧା କହିଲେ ବିଭିନ୍ନ ଠାକୁରଙ୍କର ପୂଜାରେ ବିଭିନ୍ନ ପ୍ରକାରର ଫୁଲ ବ୍ୟବହାର କରାଯାଇଥାଏ। ଯଥା ଶିବଙ୍କର ଅତିପ୍ରିୟ ଫୁଲ ଗୁଡ଼ିକ ହେଉଛି ଅରଖ, ଦୁଦୁରା, କେତକୀ ଇତ୍ୟାଦି। ଲକ୍ଷ୍ମୀଙ୍କର ପ୍ରିୟରଙ୍ଗ ଧଳା, ତେଣୁ ଟଗର, ମଲ୍ଲୀ, ରାଜନୀଗନ୍ଧା, ଧଳ ଅପରାଜିତା, ଗଙ୍ଗଶିଉଳି, ପାରିଜାତ ଇତ୍ୟାଦି ତାଙ୍କୁ ପ୍ରଦାନ କରାଯାଇଥାଏ। ମା'ମଙ୍ଗଳାଙ୍କର ପ୍ରିୟ ଫୁଲ ମନ୍ଦାର, ଦେବୀ ସରସ୍ୱତୀ, ଲକ୍ଷ୍ମୀଙ୍କର ଅନ୍ୟତମ ପ୍ରିୟ ଫୁଲ ହେଉଛି ପଦ୍ମ। ସେଥିପାଇଁ ଲକ୍ଷ୍ମୀଙ୍କର ଅନ୍ୟନାମ ପଦ୍ମାଳୟ। କୃଷ୍ଣଙ୍କର ପ୍ରିୟଫୁଲ ମାଳତୀ, ଗୋଲାପ। ଜଗନ୍ନାଥଙ୍କର ପ୍ରିୟ ଫୁଲ ମଲ୍ଲୀ ଓ କନିଅର।

ଉପହାର କହିଲା ବାପା ସାର ଆମକୁ ପଢ଼ାଉଥିଲା ବେଳେ କହୁଥିଲେ ଚନ୍ଦ୍ର ଓ କଇଁ ଫୁଲର ଅଭେଦ ସମ୍ପର୍କ ରହିଛି। ଚନ୍ଦ୍ର ଉଦୟ ହେଲେ କଇଁଫୁଲ ଫୁଟେ। ସୂର୍ଯ୍ୟଙ୍କ ସହିତ ସୂର୍ଯ୍ୟମୁଖି ଓ ପଦ୍ମଫୁଲର ନିବିଡ଼ ସମ୍ପର୍କ। ସୂର୍ଯ୍ୟଙ୍କ ଗତିଅନୁସାରେ ସୂର୍ଯ୍ୟମୁଖି ଫୁଲର ମୁଖ ତାଙ୍କ ଆଡ଼କୁ ଗତି କରିଥାଏ ଓ ପଦ୍ମଫୁଲ ସୂର୍ଯ୍ୟଉଦୟ ହେଲେ ଫୁଟେ। ପୂଜା କହିଲା ଆମ ସାର କହୁଥିଲେ ଆମ ସ୍କୁଲରେ ଗୋଟିଏ ପ୍ରତିଯୋଗିତା ହେବ। ଯେଉଁମାନେ ପଚାଶରୁ (୫୦) ଉର୍ଦ୍ଧ୍ୱ ଫୁଲର ନାମ କହିପାରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ଆଜି ଅନେକ ଫୁଲର ନାମ ମୁଁ ମନେରଖି ପାରିଛି ଲଙ୍କା-ମନ୍ଦାର, ଟଗର, ଚମ୍ପା, ମଲ୍ଲୀ, ଗୋଲାପ, କନିୟର, ସଦାବିହାରୀ, ଅପରାଜିତା, ଗେଣ୍ଡୁ, ସୁଗନ୍ଧରାଜ, ଅରଖ, ଗୋଲାପ, ନାଗେଶ୍ୱର, କାଠଚମ୍ପା, ସ୍ୱର୍ଣ୍ଣଚମ୍ପା, କୃଷ୍ଣଚୂଡ଼ା ଇତ୍ୟାଦି। ଆନନ୍ଦ କହିଲେ ଫୁଲର ଅନେକ ଅଂଶ ଅଛି। ଯଥା ବଡ଼, ପାଖୁଡ଼ା, କେଶର ଇତ୍ୟାଦି। ମା ସୁଗନ୍ଧା କହିଲେ ଫୁଲକୁ ଅନେକ ପ୍ରକାରରେ ବ୍ୟବହାର କରାଯାଏ। ଯଥା ପୂଜା, ସାଜସଜ୍ଜା ଇତ୍ୟାଦିରେ। ଉପହାର କହିଲା ହଁ, କାଲି ଏକ ବାହାଘର ଗାଡ଼ିରେ ଫୁଲ ସଜ୍ଜା ହୋଇଥିଲା ଏହି ସମୟରେ କିଛି ଦକ୍ଷିଣ ଭାରତୀୟ ନାରୀ ଖସାରେ ଜୁଇଫୁଲ ଲଗାଇ ଉପହାରର ପାଖଦେଇ ଚାଲିଯିବାରେ ସେ ମାଙ୍କୁ ସେମାନଙ୍କ ଆଡ଼କୁ ନିର୍ଦ୍ଦେଶ କରି ତାଳି ମାରିବାରେ ଲାଗିଲା।

ପୂଜା ଫୁଲଚାଷ ବିଷୟରେ କହିବାକୁ ଯାଇ କହିଲା ସାର କହୁଥିଲେ ଫୁଲଚାଷ ଅତ୍ୟନ୍ତ ଲାଭଦାୟକ। ଲିମ୍ବଫୁଲ, କଖାରୁଫୁଲ ଲୋକମାନେ ଖାଦ୍ୟରେ ଗ୍ରହଣ କରନ୍ତି। ଫୁଲରୁ ମହୁ, ଔଷଧ ଓ ତେଲ ତିଆରି କରାଯାଏ। ଅନେକ ଫୁଲରୁ ମହୁ, ଔଷଧ ଓ ତେଲ ତିଆରି କରାଯାଏ। ଅନେକ ଫୁଲ ଜଙ୍ଗଲରେ ମଉଳି ଯାଆନ୍ତି ଓ ଜଳରେ ପଦ୍ମ ଓ କଇଁଫୁଲ ଫୁଟିଥାଏ। ମହୁମାଛିକୁ ଆକର୍ଷିତ କରିବା ପାଇଁ ରାତିରେ ସୁଗନ୍ଧା ଓ ଧବଳ ରଙ୍ଗର ଫୁଲ ଫୁଟିଥାଏ। ଏତେକଥା ଜାଣି ଉପହାର କହିଲା ବାପା ଭଗବାନ କେବେ ବି ଚୋରି ଫୁଲ ଗ୍ରହଣ କରୁନଥିବେ। ପ୍ରାତଃ ଭ୍ରମଣ ସମୟରେ ଅନ୍ୟ ବଗିଚାରୁ ଫୁଲ ଚୋରି କରି ଠାକୁର ପୂଜା କରିବା ଅପେକ୍ଷା ଫୁଲ କୁଣ୍ଡ ଆଣି ସେଥିରେ ଫୁଲଗଛ ଲଗାଇ ଠାକୁରଙ୍କୁ ପ୍ରଦାନ କଲେ ଭଲ ହୁଅନ୍ତା। ମୁଁ ମୋ ସାଙ୍ଗ ମାନଙ୍କୁ କହି ବି ଗଛ ଲଗାଇବା ଓ ଫୁଲ ଫୁଟାଇବା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ବୋରିଗୁମ୍ମା, (ମହାଭାରତ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ଦୋରା କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରଭାତ କୁମାର ଜେନା ଏବଂ ବ୍ଲକ ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଲୋମ୍ବଦର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଢ଼ୀ ଯୋଗ ଦେଇଥ?ବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ନୃସିଂହ ନାଥ ଶତପଥୀ,ଜୟପୁର ବିଧାୟକଙ୍କ ପ୍ରତିନିଧୂ ଅଶୋକ ଗନ୍ତାୟତ, କୋଟପାଡ଼ ବିଧାୟକ ପ୍ରତିନିଧୂ ରାମକୃଷ୍ଣ ଭତ୍ରା, ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ଜୟପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିଶ୍ୱଜିତ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ମାନେ ପାରମ୍ପରିକ ଚାଷ ସହ ମତ୍ସ୍ୟ ଓ ପଶୁ



ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଗୋପାଳନ, କୁକୁଡ଼ା ଚାଷ ଓ ମତ୍ସ୍ୟ ଚାଷ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା ଏନେଇ ଲୋକଙ୍କୁ ସଚେତନ କରିଥିଲେ। ଉପଖଣ୍ଡ ପ୍ରାଣୀ ସମ୍ପଦ ଅଧିକାରୀ ଶ୍ରୀ ରଥ ଚାଷୀଙ୍କୁ ସଚେତନତା ଉପରେ ବୁଝାଇବା ସହ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଋଣ ଏବଂ ଏହାର ରିହାତି ବାବଦରେ ଏବଂ ସରକାରଙ୍କ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ ଯୋଜନା ସହ ମାଛଚାଷର ବିଭିନ୍ନ ପ୍ରଣାଳୀ ଏହାର ଲାଭ ଏବଂ ଚାଷୀଙ୍କୁ ଦିଆଯାଉଥିବା ଋଣ ଏବଂ ରିହାତି ସମ୍ପର୍କରେ ମତ୍ସ୍ୟଅଧିକାରୀ ଶ୍ରୀ ମହାପାତ୍ର ବୁଝାଇଥିଲେ।ଏହି ଅବସରରେ ବ୍ଲକର ୮ ଜଣ ମତ୍ସ୍ୟଚାଷୀଙ୍କୁ ଓଡିଶା ଜୀବିକା ମିଶନ ପକ୍ଷରୁ ମାଛ ଜାଲ ଓ ହାପା ଉପକରଣ ପ୍ରଦାନ କରାଯାଇଥିଲା। ୨ ଜଣ ଚାଷୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିବା ବେଳେ ବୋରିଗୁମ୍ମା ର ସଫଳ ଚାଷୀଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବୋରିଗୁମ୍ମା କୃଷି ବିଭାଗ ପକ୍ଷରୁ ୬ଗୋଟି ଏସଏଚଜି ମହିଳା ଗୋଷ୍ଠୀଙ୍କୁ ଉନ୍ନତ ମାନର ବିହନ ସକାଶେ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସନାଲି ନାୟକ ଓ ବ୍ଲକ ପ୍ରୋଗ୍ରାମ ଅଧିକାରୀ ରଜନୀକାନ୍ତ ବେହେରା, ଓ ଦେବେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧୨ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ ଲାଇନ ବିଭାଗ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ଅଙ୍ଗନବାଡି ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ବୈରାଟପୁର ପ୍ରିମିଓର ଲିଗ କ୍ରିକେଟ ୨୦୨୫
## ଶେଷ ହେଲା ଲିଗ ପର୍ଯ୍ୟାୟ, ଶୀର୍ଷ ସ୍ଥାନ ରେ ଟ୍ରିଲ୍ଲ ବ୍ରୋ

ଉଦଳା/କପ୍ତିପଦା, ( ମହାଭାରତ ) : ବୈରାଟପୁର ପ୍ରିମିଓର ଲିଗ ୨୦୨୫ ସିଜିନ-୧ ଟୁର୍ନାମେଣ୍ଟ ର ଆଜି ଥିଲା ଶେଷ ଲିଗ ମ୍ୟାଚ କ୍ଷ ସାତ ଦିନ ଧରି ଚାଲିଥିବା ଲିଗ ପର୍ଯ୍ୟାୟ ର ଆଜି ଅନ୍ତିମ ଦିବସ ଶେଷ ମ୍ୟାଚ ରେ ରାଜ ଫାଇଟର ଏବଂ ଯଶସୀ ଫାଇଟର ମଧ ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଯଶସୀ ଫାଇଟର ବ୍ୟାଟିଂ କରି ୧୨ ଓଭର ରେ ୧୦୫ ରନ କରିଥିବା ବେଳେ ରାଜ ଫାଇଟର ୧୩ ଓଭର ରେ ୭୭ ରନ ରେ ଓଲଆଉଟ ହୋଇ ମ୍ୟାଚ କୁ ହାରିଯାଇଥିଲା । ଯଶସୀ ଫାଇଟର ପକ୍ଷରୁ କ୍ଷିତୀଶ ନାୟକ ସର୍ବାଧିକ ୩୬ ରନ କରିଥିବା ବେଳେ ମ୍ୟାନ ଅଫ ଦା ମ୍ୟାଚ ଏବଂ ସୁପର ସିକ୍ସ ପୁରସ୍କୃତ ହୋଇଥିଲେ । ତେବେ ୪ ଫ୍ରାଞ୍ଚାଇଜ୍ ଟିମ ସେମି ଫାଇନାଲ କୁ ଉନ୍ନୀତ ହୋଇଥିବା ବେଳେ ବିପିଏଲ ର ଫାଇନାଲ ମ୍ୟାଚ ନଭେମ୍ବର ୧୬ ରବିବାର ଦିନ ଅନୁଷ୍ଠିତ କରାଯିବ ବୋଲି ବିପିଏଲ ର ଉପଦେଷ୍ଟା ଦୀପକ ମିଶ୍ର ସୂଚନା ଦେଇଛନ୍ତି । ଆଜିର ଏହି ଅନ୍ତିମ ଲିଗ




ପର୍ଯ୍ୟାୟ ପୁରସ୍କାର ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସାଗର ସିମେଣ୍ଟ ଲିମିଟେଡ଼ ର ମୟୁରଭଞ୍ଜ ମୁଖ୍ୟ ବିଦ୍ୟାଧର ପଲାର ଏବଂ ସାଗର ସିମେଣ୍ଟ ମୟୁରଭଞ୍ଜ ସେଲସ ଅଫିସର ସତ୍ୟପ୍ରକାଶ ମିଶ୍ର ଯୋଗ ଦେଇ ମ୍ୟାନ ଅଫ ଦା ମ୍ୟାଚ ଟ୍ରଫି ସହ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ର ଟ୍ରଫି ପ୍ରଦାନ କରିଥିଲେ । ଉକ୍ତ ମ୍ୟାଚ ରେ ଆଜିର ଖେଳ ପରିଚାଳନା ରେ ଉମାକାନ୍ତ ମାଝୀ ଏବଂ କମଳାକାନ୍ତ ମିଶ୍ର ସହଯୋଗ କରିଥିବା ବେଳେ ଅଭିଷେକ ଧାରା ବିବରଣୀ ପ୍ରଦାନ କରିଥିଲେ କ୍ଷ ବିପିଏଲ ର ଉପଦେଷ୍ଟା ସରୂପ ମହାପାତ୍ର, ମୁକେଶ ରଣା, ଶଶୀଧର ତ୍ରିପାଠୀ,ରାଜୁ ମିଶ୍ର, ଯୋଗେଶ ବେହେରା ଉପସ୍ଥିତ ଥିଲେ ।

## ଗଣପତି ଶିଶୁ ବିଦ୍ୟା ମନ୍ଦିରରେ ଇଫକୋ ପକ୍ଷରୁ ମାତୃ ସମ୍ମିଳନୀ





ପାରାଦୀପ - ପାରାଦୀପ ପୌରାଞ୍ଚଳର ୫ ନମ୍ବର ୱାର୍ଡର ବାଲିଝରା ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଦିନ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଇଫକୋ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ମାନଙ୍କ ମାଆ ମାନେ ସାମିଲ ହୋଇଥିଲେ। ଏବଂ ସେଠାରେ ମାଆ ମାନଙ୍କୁ ତାଙ୍କ ପିଲାମାନେ କେମିତି ପୂଜା କରିବା କଥା ତାହା ସମୂହ ଭାବେ କରି ଦେଖାଇଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ଇଫକୋ ଲେଡିଜ୍ କ୍ଲବ ପ୍ରମୁଖ ସଭ୍ୟା ଶ୍ରୀମତି ଆରତୀ ପରିଡା, ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ସ୍ଥାନୀୟ ପାରିଷଦ ସ୍ୱପ୍ନାରାଣୀ ଜେନା,ସାମ୍ବାଦିକ ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତାନ ମାନଙ୍କ ପ୍ରଥମ ଓ ଆଦ୍ୟଗୁରୁ ହେଲେ ମାଆ। ସେ ସବୁବେଳେ ପିଲାଙ୍କୁ ଭଲ ପାଇଥାଏ। ତାକୁ ପାଠ ପଢାଇ ଭଲ ମଣିଷ କରିବା ସହିତ ଭଲ ସଂସ୍କାର ଦେବା ଜରୁରୀ ବୋଲି ମୁଖ୍ୟ ଅତିଥି ପରିଡା କହିଥିଲେ। ଶେଷରେ ଶିକ୍ଷୟିତ୍ରୀ କଲ୍ୟାଣୀ ସଂଘମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଘର ତାଡି ସୁନା ଚୋରି ଅଭିଯୋଗରେ ତିନି ଗିରଫ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଣ୍ଟଁରପାଳ ଥାନା ନିକଟସ୍ଥ ତୁଳସୀପାଳ ଗ୍ରାମରେ ଘର ତାଡି ସୁନା ଓ ଟଙ୍କା ଚୋରି ହୋଇଥିବା ନେଇ ୨୩ ଅକ୍ଟୋବର ରେ ଥାନାରେ ଅଭିଯୋଗ ହୋଇଥିଲା ଅଭିଯୋଗକାରୀ ଜଣଙ୍କ ହେଲେ ତୁଳସୀପାଳ ଗ୍ରାମର ନିତ୍ୟାନନ୍ଦ ବେହେରା । ନିତ୍ୟାନନ୍ଦ ଅକ୍ଟୋବର ୨୨ ତାରିଖରେ ଘର ତାଲା ପକାଇ ବୁଲିବାକୁ ଯାଇଥିବା ବେଳେ ଘର ପଡୋଶୀ ସଂଜୟ ବିଶ୍ୱାଳ ଙ୍କ ପୁଅ ବିଜୟ ବିଶ୍ୱାଳ ଘର ପାଚେରୀ ଡେଇଁ କବାଟ ତାଡି ଆଲମାରୀ ଭାଙ୍ଗି ସୁନା ଓ ଟଙ୍କା ଚୋରି କରି ନେଇଥିଲେ। ନିତ୍ୟାନନ୍ଦ ୨୩ ତାରିଖରେ ଘରକୁ ଫେରିବା ପରେ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏ ବିଷୟରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ଥାନା ଅଧିକାରୀ ଦୁଷ୍ମନ୍ତ



କୁମାର ସିଂହ ଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ କରି ତିନି ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ପ୍ରାୟ ୧୦୦ ଗ୍ରାମ ରୁ ଉର୍ଦ୍ଧ ସୁନା ଅଳଙ୍କାର, ରୂପା ପାଉଁଜି ଜବତ କରିଥିଲେ । ତେବେ ଘରୁ ଚୋରି ହୋଇଥିବା ନଗଦ ୧ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇନଥିବା ନେଇ ଏସଡିପିଓ ରମାକାନ୍ତ ମହାଲିକ ସୂଚନା ଦେଇଛନ୍ତି। ଗିରଫ ମୁଖ୍ୟ ଅଭିଯୁକ୍ତ ଜଣଙ୍କ ହେଲେ ତୁଳସୀପାଳ ଗ୍ରାମର ବିଜୟ ବିଶ୍ୱାଳ, ସୁନା ବିକ୍ରି କରିବାର ସହଯୋଗୀ ହିନ୍ଦୋଳ ଅଞ୍ଚଳ ର ବ୍ରାହ୍ମଣ ପୁରୁଣାକୋଟ ଗ୍ରାମର କାର୍ତିକ ଦାସ ଙ୍କ ପୁଅ ପୃଥିବୀରାଜ ଦାସ, ଚୋରା ସୁନା କିଣିଥିବା ବ୍ୟକ୍ତି ଜଣଙ୍କ ହେଲେ ଧର୍ମଶାଳା ଥାନା କ୍ଷେଣ୍ଟପୁର ଗ୍ରାମର ଦୁର୍ଯ୍ୟୋଧନ ଦାସ ଙ୍କ ପୁଅ ଦେବେନ୍ଦ୍ର ଦାସ। ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ ହୋଇଥିବା ନେଇ ଏସଡିପିଓ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ବ୍ଲକ ଫାଟକ ନିକଟରେ ଧାରଣା

ଏରସମା,(ମହାଭାରତ). :ଏରସମା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଏରସମା ବ୍ଲକ ଫାଟକ ନିକଟରେ ଏରସମା ମୁଖ୍ୟ ବଜାର ଠାରୁ ସିହା ଗ୍ରାମ ଏବଂ ଏରସମା ଠାରୁ କାଣୀପଦା ରାସ୍ତା ଅତି ଶୋଚନୀୟ ଅବସ୍ଥା। ଏହି ରାସ୍ତା ପାଇଁ ଟେଣ୍ଡର ସରିଛି, ଅର୍ଥ ରାଶି ମଧ ଆସିଛି ହେଲେ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ବଡ଼ ଦୁଃଖ ଓ ପରୀତାପର ବିଷୟ ବର୍ଷା ଦିନେ ଏହି ରାସ୍ତା ମରଣ ଯନ୍ତା ପାଲଟି ଥାଏ। ଏରସମା ମୁଖ୍ୟ ବଜାରରେ ବ୍ଲକ, ତହସିଲ, ଥାନା, କୋର୍ଟ , ଆଦର୍ଶ ବିଦ୍ୟାଳୟ ପ୍ରମୁଖ କାର୍ଯ୍ୟାଳୟ ଅବସ୍ଥିତ ଏଣୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି। ମୁଖ୍ୟ ବଜାରରେ ସହ ସହ ଦୋକାନ ବଜାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ତୁରନ୍ତ ଗମନା ଗମନ ସୁବିଧା ପାଇଁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି ରହିଛି। ଧାରଣାରେ ଉପସ୍ଥିତ ନାଗରିକ ମଧ୍ୟରେ ରବି ଦାସ, ନିବାରଣ ନାୟକ, ପ୍ରସନ୍ନ କୁଁଅର, ରାଜ କିଶୋର ଜେନା, ନିତ୍ୟାନନ୍ଦ ଦାସ, ଅମ୍ବିକା ମହାନ୍ତି, ବଳାରାମ ସେଠୀ, ପ୍ରବୀର ପଣ୍ଡା, ପ୍ରଦୀପ୍ତ ସାହୁ, ରବୀନ୍ଦ୍ର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ଚାନ୍ଦବାଲି, (ମହାଭାରତ) : ପୁଲିସ ତରଫରୁ ବ୍ଲକ ସଭା ଗୃହରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ପୁଲିସ କର୍ମଚାରୀ ମାନେ ଏକ ସଚେତନତା ଶୋଭାଯାତ୍ରା ରେ ସହର ପରିକ୍ରମା କରିବା ପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମ ତୋ+୩ ମହାବିଦ୍ୟାଳୟ ର ଅଧକ୍ଷ ଙ୍କ ସଭା ପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ , ବ୍ଲକ ଅଧକ୍ଷା ମିନତି ସୁତାର, ଏସ ଡି ପି ଓ ତ୍ରିଲୋଚନ ସେଠୀ , ସାଇବର ସୁରକ୍ଷା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଦୟାନିଧି ଦାସ,ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ତରାଇ ପ୍ରମୁଖ ସାଇବର ସୁରକ୍ଷା ଉପରେ ଆଲୋକ ପାତ କରିଥିଲେ।ଥାନା ଅଧିକାରୀ ପରେଶ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଡେମୋ ମାଧମରେ ସାଇବର ସୁରକ୍ଷା ଉପରେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ଆଇନଜୀବୀ ସଂଘ ସଭାପତି ଉପେନ୍ଦ୍ର ରାଉଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ପ୍ରଭାସ ନାୟକ, ସରପଞ୍ଚ ବିନୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୋଳରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ,ଭାଗନେଲେ ଶତାଧିକ ଛାତ୍ର ଛାତ୍ରୀ

ହିନ୍ଦୋଳ, (ମହାଭାରତ) : ହିନ୍ଦୋଳ ଉପଖଣ୍ଡ ମିନି ଷ୍ଟାଡିୟମ ଠାରେ ଗୁରୁବାର ବ୍ଲକ ସ୍ତରିୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଭାରତ ସରକାରଙ୍କ ଯୋଜନା କ୍ରମେ ବିକାଶ ଫାଉଣ୍ଡେସନ ର ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା , ପ୍ରୋବେସନର ଆଇଏଏସ ଭଗତ ସାମଲ କଲ୍ୟାଣ ରାଓ , ହିନ୍ଦୋଳ ଗୋଷ୍ଠୀଉନ୍ନୟନ ଅଧିକାରୀ ସୌରଭ କଲ୍ୟାଣ ଦାଶ , ହିନ୍ଦୋଳ ତହସିଲଦାର ଦିଲ୍ଲିପ କୁମାର ସେଠି , ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ , ବ୍ଲକ ଉପାଧକ୍ଷ ବରୁଣ ସର , ହିନ୍ଦୋଳ ଏନଏସି ନିର୍ବାହି ଅଧିକାରୀ ରାଜିବ ଲୋଚନ ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭରମ୍ଭ କରିଥିଲେ । ଖେଳ କୁଦ ପ୍ରତିଯୋଗିତା ଦ୍ୱାରା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହେବା ସହ ଉଭୟ ଶାରିରିକ ଓ ମାନସିକ ବିକାଶ ହୋଇପାରିବ । ଏଣୁ ସମସ୍ତ ଛାତ୍ର ଛାତ୍ରୀ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭାକୁ ପରିପ୍ରକାଶ କରି ରାଷ୍ଟ୍ର ସେବାରେ ନିଜକୁ ସମର୍ପିତ କରିବାକୁ ମୁଖ୍ୟ ଅତିଥି ସାଂସଦ ରୁଦ୍ରନାରାୟଣ ପାଣି ପରାମର୍ଶ ପ୍ରଦାନ କରିଥିଲେ । ଏହା ପରେ ସାଂସଦ କ୍ରିଡା ପତାକା ଉତ୍ତୋଳନ କରି ଖେଳ କୁଦ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ ।ଉକ୍ତ ମହୋତ୍ସବରେ ଉପଖଣ୍ଡରର ବିଭିନ୍ନ ବିଦ୍ୟାଳୟରୁ ୧୪ ବର୍ଷରୁ ୨୧ ବର୍ଷ ଜୁନିୟର ବର୍ଗ ଏବଂ ୧୭ ବର୍ଷରୁ ୨୧ ବର୍ଷ ପର୍ଯ୍ୟନ୍ତ ସିନିୟର ବର୍ଗ ଭାବରେ ଉଭୟ ବାଳକ ଓ ବାଳିକା ବିଭାଗ ଭାଗନେଇଥିଲେ ଶତାଧିକ ଛାତ୍ର ଛାତ୍ରୀ । ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଉକ୍ତ କାର୍ଯ୍ୟକ୍ରମ ହେଉଥିବା ସମୟରେ ଶୁକ୍ରବାର ଅପରାହ୍ନରେ ଉକ୍ତ ମହୋତ୍ସବ ଉଦଯାପିତ ହେବାକୁ ସ୍ଥିରିକୃତ ହୋଇଥିବା ଜଣାପଡିଛି ।ଶେଷରେ ବିକାଶ ଫାଉଣ୍ଡେସନ ପକ୍ଷରୁ କାର୍ଯ୍ୟକ୍ରମର ସଂଯୋଜକ ଜୟନ୍ତ ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୮ତମ ରାଜ୍ୟ ସ୍ତରୀୟ ସିନିଅର ହ୍ୟାଣ୍ଡବଲ: ପୁରୀ ଅଭିମୁଖେ ଯାତ୍ରା କରିବ ରାୟଗଡା ଦଳ



ରାୟଗଡ. (ମହାଭାରତ) : ଆସନ୍ତାକାଲି ଠାରୁ ପୁରୀ ଠାରେ ଆରମ୍ଭ ହେବାକୁ ଥିବା ୩୮ତମ ରାଜ୍ୟ ସ୍ତରୀୟ ସିନିଅର ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ରାୟଗଡା ଜିଲ୍ଲା ଦଳ ପ୍ରସ୍ତୁତ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାୟଗଡା ଜିଲ୍ଲା ଦଳ ଆଜି (ନଭେମ୍ବର ୧୩) ପୁରୀ ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିବ। ଏ ନେଇ ରାୟଗଡା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ଶ୍ରୀ ଶୁଭେନ୍ଦୁ ନାରାୟଣ ଚୌଧୁରୀ ସୂଚନା ଦେଇଛନ୍ତି। ପୁରୀରେ ତିନି ଦିନିଆ ପ୍ରତିଯୋଗିତା ଚାଲିବାକୁ ଥିବା ବେଳେ ରାଜ୍ୟ ସ୍ତରୀୟ ଏହି ପ୍ରତିଯୋଗିତା ଆସନ୍ତାକାଲି ନଭେମ୍ବର ୧୪ ତାରିଖରୁ ଆରମ୍ଭ ହୋଇ ତିନି ଦିନ ଧରି ଅର୍ଥାତ୍ ନଭେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଦଳମାନେ ଅଂଶଗ୍ରହଣ କରିବେ। ରାୟଗଡା ଦଳ ଏଥର ଉନ୍ନତ ପ୍ରଦର୍ଶନ କରିବ ବୋଲି ଶ୍ରୀ ଚୌଧୁରୀ ଆଶା ପ୍ରକାଶ କରିଛନ୍ତି।

## ଆସିକା ବ୍ଲକ ଠାରେ ଅପ ପୃଷ୍ଟି ମୁକ୍ତ ଗ୍ରାମ ପଞ୍ଚାୟତ ପ୍ରଶିକ୍ଷଣ ଶିବିରରେ
## ବହୁ ସରପଞ୍ଚ ଆଶା ଅଙ୍ଗନବାଡି ଅନୁପସ୍ଥିତ ବୈଠକ ବିଫଳ !

ଆସିକା ,(ମହାଭାରତ) : ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ବିଭାଗ ପକ୍ଷରୁ ଆୟୋଜିତ ଏକ ଦିବସୀୟ ଅପପୃଷ୍ଟି ମୁକ୍ତ ଗ୍ରାମ ପଞ୍ଚାୟତ ଶିବିରରେ ବହୁ ସରପଞ୍ଚ ଅନୁପସ୍ଥିତ ଥିବା ଯୋଗୁଁ ବୈଠକ ବିଫଳ। ଆସିକା ବ୍ଲକର ଦାଇତ୍ୱ ହୀନତା ଯୋଗୁଁ ଏହି ବୈଠକ ରେ ବ୍ଲକ ଅଧକ୍ଷା,ସମିତି ସଭ୍ୟ,ଜିଲ୍ଲା ପରିଷଦ, ସରପଞ୍ଚଓବ୍ଲକ କର୍ମଚାରୀ ମାନେ ଅନୁପସ୍ଥିତ ରହିଥିଲେ।ଯାହାଫଳରେ ଆଜିର ଏହି ବୈଠକ ଟିର ମୂଳ ଉଦେଶ୍ୟ ସଫଳ ହୋଇନଥିଲା। ଅତି ତରବରିଆ ଭାବେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନେକ ସଭ୍ୟଙ୍କୁ ଏହି ବୈଠକ ବିଷୟରେ ସୂଚନା ଦିଆଯାଇନଥିଲା। ଗଞ୍ଜାମ ଜିଲ୍ଲାର ଗଣ ପର୍ବ ମାର୍ଗଶିର



ଦ୍ୱିତୀୟ ପାଳି ଗୁରୁବାର ଯୋଗୁଁ ଏହି ଶିବିର ନକରିବା ପାଇଁ ଅନେକ ପରାମର୍ଶ ଦେଇଥିଲେ ମଧ ବ୍ଲକ ଉଚ୍ଚ କର୍ତୃପକ୍ଷଙ୍କ ଖାମ ଖିଆଲି ନୀତି ଯୋଗୁଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ବ୍ଲକରେ ମୋଟ ୨୦୦ ଜଣ ଆଶା କର୍ମୀ, ୨୫୧ଜଣ ଅଙ୍ଗନବାଡି ଥିବା ବେଳେ ଏହି ଶିବିରରେ ଆଶା ୩ଜଣ, ଅଙ୍ଗନବାଡି ୮ଜଣ ଉପସ୍ଥିତ ଥିବାବେଳେ ଏଏନଏମ,ସ୍ୱେଚ୍ଛାସେବୀ ସଂଗଠନ,ଅପପୃଷ୍ଟି ଚିକିତ୍ସା କରୁଥିବା ଅଭିଜ୍ଞ ଶିଶୁ ବିଶେଷଜ୍ଞ, ସିଡିପିଓ ଯୋଗ ଦେଇନଥିଲା ବେଳେ ନାମକୁ ମାତ୍ର ପଢାଳ ମେଡିକାଲର ଜଣେ ଅନିଭିଜ୍ଞ ଆୟୁଷ ଡାକ୍ତର ଙ୍କ ଦ୍ୱାରା କାମ ତୁଲାଇଥିଲେ। ସେହିଭଳି କୌଣସି ଗଣମାଧମ ପ୍ରତିନିଧି ମାନଙ୍କୁ ମଧ ଏହି ବୈଠକ ବିଷୟରେ ଜଣାଯାଇନଥିଲା। ପ୍ରକାଶ ଥାଉକି ଏହି କାର୍ଯ୍ୟକ୍ରମ ରେ ବିଡ଼ିଓ ଉପସ୍ଥିତ ଥିବା ସତ୍ୱେ ଏହି ଶିବିରରେ ନାମକୁ ମାତ୍ର ଜଣେ ନୁଆଁ କନିଷ୍ଠ ଏବିଡ଼ିଓ,ଜିପିଡିଓ ରାଜଶ୍ରୀ ସାହୁ କାମ ତୁଲାଇଥିଲେ ତାଲିମଦାତ୍ରୀ ରୂପେ ରଂଯୁକ୍ତା ସ୍ୱାଇଁ, କୁମୁଦିନୀ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ କ୍ଷ ଆସିକା ବ୍ଲକ ଅଧୀନରେ ଥିବା ୨୭ ଗୋଟି ଗ୍ରାମ ପଂଚାୟତ ଗୁଡିକରେ କିଭଳି ଶିଶୁ,କିଶୋରୀ, କିଶୋର, ଗର୍ଭବତୀ, ପ୍ରସୂତି ମା ମାନେ କିଭଳି ପୃଷ୍ଟିକର ଖାଦ୍ୟ ପ୍ରଦାନ କରାଯିବ,ପିଲା ମାନଙ୍କ ବୟସ ଅନୁପାତ ରେ ଓଜନ କିପରି ଉଚ୍ଚତା କିପରି ବୃଦ୍ଧି ପାଇବ,ଗ୍ରାମ ପଂଚାୟତ ରେ ଥିବା ସମସ୍ତ ୦-୧୬ ବର୍ଷ ର ଶିଶୁ ମାନଙ୍କୁ କିପରି ସଠିକ ଟୀକାକାରଣ କରାଯିବ, କିଶୋରୀ ଓ କିଶୋର ମାନଙ୍କୁ ରକ୍ତହୀନତା ନହେବା ନିମନ୍ତେ ଅଙ୍ଗନବାଡି ରେ ମିଳୁ ଥିବା ମୁଡି, ଚଣା,ଅଣ୍ଡା, ଖଜରା,ସମେତ ବାରି ବଗିଚାରୁ ମିଳୁଥିବା ପନିପରିବା, ଶାଗ ଖାଦ୍ୟ ର ଅଭ୍ୟାସ କରିବା ସମ୍ବନ୍ଧିୟ ପ୍ରଶିକ୍ଷଣ ଦିଆଯାଇନଥିଲା। ବିଶେଷ କରି ଅପପୃଷ୍ଟିର ଶିକାର ହୋଇଥିବା ଶିଶୁ ମାନଙ୍କ ଚିକିତ୍ସା ସକାଶେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ଏକ ସ୍ୱତନ୍ତ୍ର ଚିକିତ୍ସା କେନ୍ଦ୍ର ରହିଥିବା ସମ୍ବନ୍ଧିୟ କୌଣସି ସୂଚନା ଦିଆଯାଇନଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ସଚେତନ ଓ ସୁରକ୍ଷିତ ଏବଂ ସାଇବର ଠକାମିରୁ ନିବୃତ ରୁହନ୍ତୁ : ଏସ.ଡ଼ି.ପି.ଓ,ନୟାଗଡ଼




ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ପୋଲିସ ପ୍ରଶାସନ ଓ ନୂଆଗାଁ ପୋଲିସର ସହଭାଗିତାରେ ବ୍ଲକ ସଦରମହକୁମା ନିକଟରେ ଥିବା ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ନୂଆଗାଁ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ନୂଆଗାଁ ବ୍ଲକ ଛକ ଠାରୁ କଲେଜ ଓ ହାଇସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସାଇବର ସଚେତନତା ରାଲି ବାହାରି ନୂଆଗାଁ ବଜାର ପରିକ୍ରମା କରିବା ସହ ସଭାସ୍ଥଳୀରେ ପହଞ୍ଚିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଏସ.ଡ଼ି.ପି.ଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଯୋଗଦେଇ ପ୍ରଥମେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ପ୍ରଦୀପଜ୍ୱଳ କରି ସାଇବର ସୁରକ୍ଷା ଅଭିଯାନ-୨୦୨୫ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୂଆଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼. ଅମୃତ କୁମାର ରାଉଳ,ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ,ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ,ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ସେଠି,ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୀମସେନ ଦାସ,ନୂଆଗାଁ ଡ଼ିଗ୍ରୀ କଲେଜ ଅଧକ୍ଷ ସୁରେଶ କୁମାର ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ ।ଆଧୁନିକ ଯୋଗରେ ଡିଜିଟାଲ ପ୍ଲାଟଫର୍ମ ଓ ଇ□ରନେଟ ଏବଂ ମୋବାଇଲ ସେବା ଯୋଗୁଁ ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି ।ଯଥା : ସୋସିଆଲ ମିଡ଼ିଆ,ଇନଷ୍ଟାଗ୍ରାମ,ଫେସବୁକ,ୱାଟସପ,ବ୍ୟାଙ୍କ ଆକାଉ□,ଫୋନ ପେ,ଗୁଗୁଲି ପେ,ଅନଲାଇନ ସପିଙ୍ଗ,ମେଲ,ଓଟିପି ଦେଇ ବିଭିନ୍ନ ଉପାୟରେ ଆଜିକା ସମାଜରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ଯୁବ ପିଢ଼ି ମାନେ ସାଇବର ଠକ ମାନଙ୍କ ଦ୍ୱାରା ଶିକାର ହୋଇଥାନ୍ତି ।ଯାହାକି ସାଇବର କ୍ରାଇମର କୌଣସି ସମୟ କି ବୟସର ସୀମା ନଥାଏ ।ଆମେ ଏହି ସାଇବର ଠକାମିରୁ କିଭଳି ନିବୃତ ରହିବା ନିଜକୁ ସଚେତନ କରିବା ସହ ଅନ୍ୟକୁ ସୁରକ୍ଷିତ ରହିବା ଓ ସେ ନେଇ ଛାତ୍ର ଛାତ୍ରୀ ଓ ଜନସାଧାରଣ ମାନଙ୍କୁ ନୟାଗଡ଼ ଏସ.ଡ଼ି.ପି.ଓ ଜ୍ୟୋତିରଞ୍ଜନ ସାମନ୍ତରାୟ ବିସ୍ତୃତ ଭାବରେ ବୁଝାଇଥିଲେ । ଶିକ୍ଷକ କୈଳାଶ ଚନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିବା ବେଳେ ନୂଆଗାଁ ଥାନାର ସମସ୍ତ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ଶିକ୍ଷା ବିଭାଗକୁ ଚୂନ ମାରି ଶିକ୍ଷକ ନେଉଥିଲେ ଦରମା ଟଙ୍କା

# ତିନି ବର୍ଷ ଧରି ସ୍କୁଲରେ କାର୍ଯ୍ୟ ନକରି ନିୟମିତ ନେଉଥିଲେ ଦରମା

ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ଶିକ୍ଷା ବିଭାଗକୁ ଚୂନ ମାରି ଶିକ୍ଷକ ଦରମା ଟଙ୍କା ଉଠାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା । ବିଷୟ ପାଲଟିଛି । ନୟାଗଡ଼ ବ୍ଲକ୍ ମେଳାମ୍ବ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହିମାଂଶୁ ଶେଖର ସାହୁ ୩ ବର୍ଷ ଧରି କାମ ନ କରି ଦରମା ନେଉଥିବା ଏବେ ଜଣା ପଡ଼ିଛି । ଅଭିଯୋଗ ପରେ ଏହାର ତଦନ୍ତ ଆରମ୍ଭ କରିଛି ଜିଲ୍ଲା ଶିକ୍ଷା ବିଭାଗ । ଏହି ଘଟଣାକୁ ନେଇ ଶିକ୍ଷକ ଓ ଅଭିଭାବକ ମହଲରେ ହଇଚଇ ସୃଷ୍ଟି ହୋଇଛି । ଶିକ୍ଷକ ଜଣକ କିଭଳି ଗତ ୩ବର୍ଷ ଧରି ସ୍କୁଲରେ କାର୍ଯ୍ୟ ନକରି ନିୟମିତ ଦରାମା ନେଉଛନ୍ତି ତାହା ବ୍ଲକ ଏବଂ ଜିଲ୍ଲା ଶିକ୍ଷା ବିଭାଗ ପାଖରେ ଖବର ନାହିଁ ତାହା ସନ୍ଦେହ ପ୍ରକାଶ ପାଇଥିବା ବେଳେ ଏବେ ଅଭିଯୋଗ ପରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଛି । ମେଳାମ୍ବ ପ୍ରାଥମିକ ବିଦ୍ୟାଳୟକୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ ଯାଇ ତଦନ୍ତ ଆରମ୍ଭ କରିବା ସହ ବ୍ଲକ୍ ଶିକ୍ଷା






ଅଧିକାରୀ ଉମାକାନ୍ତ ସେଠୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି । ତଦନ୍ତ ବେଳେ ଜଣା ପଡିଛି ଶିକ୍ଷକ ହିମାଂଶୁ ଶେଖର ସାହୁ ତିନି ବର୍ଷ ହେବ କୌଣସି ସ୍ଥାନରେ କାର୍ଯ୍ୟ କରୁନାହାନ୍ତି । ତେଣୁ ହିମାଂଶୁ ଶେଖର ସାହୁ ତିନି ବର୍ଷ ର ଦରମା ଟଙ୍କା ଫେରସ୍ତ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠି କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଏହି ଘଟଣାରେ ମେଳାମ୍ବ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସଂପୃକ୍ତି ରହିଥିବାରୁ ନିୟମାନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଚି□ ରଞ୍ଜନ ପାଣ୍ଡେ କହିଛନ୍ତି । ସୂଚନା ଅନୁଯାୟୀ ୨୦୨୨ ଜୁଲାଇ ୧୩ରେ ଜିଲ୍ଲା ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୬୨୮୪ରେ ଏକ ନିର୍ଦ୍ଦେଶାନାମା ପ୍ରକାଶ ପାଇଥିଲା । ମେଳାମ୍ବ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ଥିବା ସହକାରୀ ଶିକ୍ଷକ ହିମାଂଶୁ ଶେଖର ସାହୁଙ୍କୁ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଥିଲା । ଜିଲ୍ଲା କାର୍ଯ୍ୟାଳୟରେ ହେଉଥିବା ସମସ୍ତ ଜରୁରୀ କାର୍ଯ୍ୟ ଯେମିତି କୋର୍ଟ ମାମଲା ଓ ପେନ୍ସନ୍ ଉପଭୋକ୍ତାଙ୍କ ରେଜିଷ୍ଟର ପରିଚାଳନା ଆଦିରେ ସେ ସହଯୋଗ କରିବେ ବୋଲି ଚିଠି ଲେଖା ହୋଇଥିଲା । ତତ୍କାଳୀନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦସ୍ତଖତ ଥିବା ଏହି ନିର୍ଦ୍ଦେଶାନାମାକୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପଠାଇ ଦିଆଯାଇଥିଲା । ଏହା ପ୍ରକାଶ ପାଇବା ପରେ ଶିକ୍ଷକ ହିମାଂଶୁ ଶେଖର ସାହୁ ତୁରନ୍ତ ମେଳାମ୍ବ ପ୍ରାଥମିକ ସ୍କୁଲ ଛାଡ଼ି ନୂତନ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିଲେ । ମାତ୍ର କିଛି ଦିନ କାର୍ଯ୍ୟାଳୟକୁ ଆସିବା ପରେ ସେ ଆଉ ଆସିନଥିଲେ କିମ୍ବା ମେଳାମ୍ବ ପ୍ରାଥମିକ ସ୍କୁଲରେ ମଧ୍ୟ ଯୋଗ ଦେଇନଥିଲେ । ବର୍ଷ ବର୍ଷ ଧରି ସେ କାର୍ଯ୍ୟରେ ଯୋଗ ଦେଉନଥିଲେ ମଧ୍ୟ ପ୍ରତି ମାସରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଦରମା ଟଙ୍କା ଯାଉଛି । ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ କିମ୍ବା ମେଳାମ୍ବ ପ୍ରାଥମିକ ସ୍କୁଲ କୌଣସି ସ୍ଥାନରେ ତାଙ୍କର ଉପସ୍ଥାନ ନାହିଁ । ଏଭଳି ସ୍ଥିତିରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ କିଭଳି ହିମାଂଶୁ ଶେଖର ସାହୁଙ୍କ ଉପସ୍ଥାନ ସମ୍ପର୍କରେ ପ୍ରତି ମାସରେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟକୁ କେମିତି ପଠାଉଥିଲେ ତାହା ଏବେ ସନ୍ଦେହ ଘେରରେ । ଏହି ଜାଲିଆତି ପଛରେ ମେଳାମ୍ବ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ବିଇଓ ଏବଂ ଡିଇଓ ଅଫିସର କର୍ମଚାରୀଙ୍କ ସଂପୃକ୍ତି ରହିଥିବା ଅଭିଯୋଗ ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ପାଟଣା ବନାଞ୍ଚଳ ପକ୍ଷରୁ ବାଘ ଗଣନା ତାଲିମ ଶିବିର



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷ ରୁ ବାଘ ଗଣନା ତାଲିମ ଶିବିର ଅନୁଷ୍ଠିତ ହେଉଛି । ଏହି ତାଲିମ ଶିବିର ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାର ସର୍ଦ୍ଦାରଙ୍କ ତ□ାବୋଧାନ ରେ ଅନୁଷ୍ଠିତ ହେଉଛି । ବାଘ ଗଣନା ତାଲିମ ଦାତା ଭାବେ ନିହାର ରଞ୍ଜନ ଦାସ ମୂଷାଖୋରୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ରେ ତାଲିମ ପ୍ରଦାନ କରିଛନ୍ତି । ଏହି ତାଲିମ ଶିବିର ରେ ପାଟଣା ବନପାଳ ଅଧିକାରୀ ନିରଞ୍ଜନ ସେଠୀ,ସାହାରପଡା ବନପାଳ ଅଧିକାରୀ ଶ୍ରୀମନ୍ତ ବେହେରା, ଖିରେଇଟାଙ୍ଗିରୀ ବନପାଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଙ୍କ ଉପସ୍ଥିତି ରେ ବନରକ୍ଷୀ ରଞ୍ଜିତା ମହାନ୍ତ,ଝରଣା ସାହୁ,ଡାଲି ରାଣୀ ସାହୁ, ଦୀପକ ରଣା,ଦୀପକ ସ୍ୱାଇଁ,ଦେବଜାନୀ ମହାନ୍ତ, ହୃଦାନନ୍ଦ ମହାନ୍ତି, ରାଜେଶ ଜେନା ପ୍ରମୁଖ ସାମିଲ ଥିଲେ ।

## ମା’ ବନଦୁର୍ଗା ମନ୍ଦିର ଚୋରି ଘଟଣାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ଦିନକୁ ଦିନ ବିଭିନ୍ନ ମନ୍ଦିର ତଥା ଘରେ ଚୋରି ଖବର ଶୁଣିବାକୁ ମିଳୁଛି । ଏହା ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ଅଦାଲତରୁ ଆସିଛି । ଖବର ମୁତାବକ ତା ୨୪-୦୬-୨୦୨୫ରିଖରେ ପାରଳାଖେମୁଣ୍ଡିସ୍ଥିତ ମାଆ ବନଦୁର୍ଗା ମନ୍ଦିରରେ ହୋଇଥିବା ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ସଜା ମିଳିଛି । ସୂଚନାଯୋଗ୍ୟ, ତା ୨୪-୦୬-୨୦୨୫ ରିଖ ଦିନ ୧୧ଟା ସମୟରେ ଯେତେବେଳେ ଏତଲାକାରି ପୂଜକ ମୁନା କାରୁଣ୍ୟ, ମନ୍ଦିରରେ ପୂଜା ସାରି ମନ୍ଦିର ଅଫିସରେ ଲୁଗା ବଦଳେଇବା ସମୟରେ ଅଫିସରେ ଲାଗିଥିବା ସିସିଟିଭିରେ ଦେଖିବାକୁ ପାଇଲେ ଯେ, କେହି ଜଣେ ମାଆ ବନଦୁର୍ଗାଙ୍କ ପିନ୍ଧିଥିବା ସୁନାଗହଣା ନିଜ ପକେଟରେ ଭର୍ତ୍ତି କରି ପଳେଇଯାଉଛି । ଏହା ଦେଖି ସେ ପାଟି କରିବାରୁ ସେଠାରେ ଲୋକମାନେ ଏକତ୍ରିତ ହୋଇ ଦୌଡ଼ି ପଳାଉଥିବା ଚୋରକୁ କାବୁ କରିନେଇଥିଲେ ଓ ପୋଲିସକୁ ଫୋନ କରି ଚୋରକୁ ହସ୍ତାନ୍ତର କରିଥିଲେ । ପରେ ଜଣାପଡିଥିଲା ଯେ, ଆସାମୀ ଜଣକ ସ୍ଥାନୀୟ ଜଙ୍ଗମ ସାହିର ପୋଲମହାନ୍ତି ପ୍ରସାଦ ରାଓ । ପରେ ଏତଲାକାରି ପୂଜକ ଏକ ମାମଲା ପାରଳାଖେମୁଣ୍ଡି ଥାନାରେ ମାମଲା ନମ୍ବର ୧୩୮ରେ ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ ରୁଜୁ କରିଥିଲେ ଓ ସବ-ଇନ୍ସପେକ୍ଟର ଲକ୍ଷ୍ମଣ ବେଶ୍ରା ଉକ୍ତ ମାମଲାର ତଦନ୍ତ କରି ଆସାମୀଙ୍କୁ କୋର୍ଟ ଚାଲାଣ କରିଥିଲେ ।୮ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଏହି ମାମଲାର ଶୁଣାଣି କରି ଆଜି ମାନ୍ୟବର ଜେଏମ୍‌ଏଫସି (ଏଲ.ଆର. ଓ ଏଲ.ଟି.ଭି.) ସତ୍ୟଜିତ ପାଣି ଅଭିଯୁକ୍ତଙ୍କ ବୟସକୁ ନଜରରେ ରଖି ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ (ମନ୍ଦିରରେ ପଶି ଚୋରି କରିବା)ରେ ୬ମାସର ସଜା ଓ ୫୦୦ଟଙ୍କାର ଜୋରିମାନା ତଥା ଧାରା ୩୩୧(୩) (ଲୁଚିଛପି ଘଟଣା ଘଟାଇବା) ରେ ୬ମାସର ସଜା ଓ ୫୦୦ଟଙ୍କା ଜୋରିମାନାରେ ଉକ୍ତ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ଏଲ. ସଞ୍ଜୟ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଏହି ମାମଲାରେ ଦ୍ୱରିତ ବିଚାର କରାଯାଇ ମାତ୍ର ସାଢେ ଚାରିମାସରେ ଦୋଷୀକୁ ଦଣ୍ଡିତ କରାଯାଇଛି ।

## ୮୫ ଟି ସଫ୍ଟ ସେଲ୍ କଇଁଛ ସହ ତିନି ଅଭିଯୁକ୍ତ ଗିରଫ



ମାଲକାନଗିରି(ମହାଭାରତ): ମାଲକାନଗିରି ଜିଲ୍ଲା ରେ ବେଆଇନ ଭାବେ କଇଁଛ ଚାଲାଣ ଏବଂ ବିକ୍ରୟ ବୃଦ୍ଧି ହେଉଥିବା ବେଳେ ବନ ବିଭାଗ ଏହାକୁ ଲଗାମ ଲଗାଇବାରେ ସଫଳ ହେଇଛି । ବିଗତ ଗୋଟିଏ ବର୍ଷ ମଧ୍ୟରେ ବନ ବିଭାଗ ବେଆଇନ ଭାବେ ଚାଲାଣ କରୁଥିବା ବ୍ୟବସାୟିଙ୍କୁ ଧରି କଇଁଛ ଚାଲାଣ ଙ୍କୁ ରୋକିବାରେ ସଫଳ ହୋଇଛି । ମାଲକାନଗିରି ଜିଲ୍ଲା ରେ କଇଁଛ ର ଚାହିଦା ଅଧିକ ଥିବାରୁ ବ୍ୟବସାୟୀ ମାନେ ଆଇନ କୁ ଖାତିର ନକରି କଇଁଛ ଚାଲାଣ କରିଥାନ୍ତି । ଆଜି ବନ ବିଭାଗୀୟ ଅଧିକାରୀ ବିଶେଷ ସୂତ୍ର ଖବର ପାଇ କାଲିମେଳା ବ୍ଲକ ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପାଲ୍ଲୀ ଠାରେ ବ୍ୟବସାୟୀ ଙ୍କ ଠାରୁ ୮୫ ଟି କଇଁଛ ଜବତ କରିଛନ୍ତି । ସୂଚନା ମୁତାବକ ଫୋରେଷ୍ଟର ଦୀପଙ୍କର ଶିଉଳି ଙ୍କ ତତ୍ତ୍ୱାବଧାନରେ ଫୋରେଷ୍ଟ ଗାର୍ଡ ପାର୍ଥ ସାରଥୀ ରାଉତ,ବନ ବିଭାଗ ଟିମ୍ ଏବଂ ମୋଟୁ ତହସିଲ ରାଜସ୍ୱ ନିରୀକ୍ଷକ ସୁରେଶ କୁମାର ପୂଜାରୀ ଙ୍କ ସହ ଏକ ଟିମ୍ ଗଠନ କରି ଯୋଜନା ବଦ୍ଧ ଭାବେ ଅନନ୍ତପାଲ୍ଲୀ ଗ୍ରାମ ଅଭିମୁଖେ ଯାଇଥିଲେ । ଅନନ୍ତପାଲ୍ଲୀ ରାସ୍ତାରେ ହିଁ କଇଁଛ ବ୍ୟବସାୟିଙ୍କୁ ଧରିବାରେ ସଫଳ ହୋଇଥିଲେ ବନବିଭାଗ । ମୋଟ ୮୫ ଟି କଇଁଛ ସହ ୩ ଅଭିଯୁକ୍ତ ଏବଂ ୨ଟି ମୋଟରସାଇକଲ ଜବତ କରିଥିଲେ । ଅଭିଯୁକ୍ତ ମାନେ ହେଲେ ଏମ ପି ଭି ୮୧ ଗ୍ରାମର ପ୍ରାନ ଗୋପାଳ ଦାସ(୫୧), ହରଧର ମଣ୍ଡଳ(୩୫) ଏବଂ ସୁଧାଂଶୁ ପାଲ୍ୟ କଇଁଛ ଏବଂ ଅଭିଯୁକ୍ତଙ୍କୁ ଏମ୍ ଭି ୭୯ ବନ ବିଭାଗ କାର୍ଯ୍ୟାଳୟ ରେ ଅଣାଯାଇଥିଲା । ୮୫ କଇଁଛ ମଧ୍ୟରୁ ୩୯ ଟି କଇଁଛ ମୃତ ରହିଥିବା ଜଣାପଡିଛି । କଇଁଛ ଗୁଡିକୁ ଓଜନ କରିବା ପରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ସୁରକ୍ଷିତ ସ୍ଥାନରେ ଛାଡ଼ିଦିଆ ଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

## ବ୍ଲକସ୍ତରିୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଅସ୍ତରଙ୍ଗ (ମହାଭାରତ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ପରିସରରେ ଗୁରୁବାର ଦିନ ବ୍ଲକ ସ୍ତରିୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇ ଯାଇ ଅଛି । ଉଭୟ ବ୍ଲକ ମେଳାକୁ ଜଗତସିଂହପୁର ମାନ୍ୟବର ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉଦ୍ଘାଟନ କରିଥିଲେ ।ଏହି ଉପଲକ୍ଷେ ଉଭୟ ବ୍ଲକ ପରିସରରେ ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, ଓମଫେଡ, ଏକ୍ରିକ ସ୍ୱକଳ୍ପ, ଗ୍ରାମ ବିକାଶ ସାକ୍ଷୀଗୋପାଳ, ସତ୍ୟବାଦୀ ଗୋ ପଦାର୍ଥ, ଆଞ୍ଚଳିକ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ହସ୍ତ ନିର୍ମିତ ବିଭିନ୍ନ ପ୍ରାକୃତିକ ନିତ୍ୟ ବ୍ୟବହୃତ ଦ୍ରବ୍ୟ, ଜୈବିକ କୃଷି ସାର, ତୈଳ, ପାରମ୍ପରିକ ମାଛ କଙ୍କଡା କୁ ରଙ୍ଗୀନ ମାଛ ପ୍ରଭୃତି ଭିନ୍ନ ଭିନ୍ନ ଷ୍ଟଲ୍ କରି ଚାଷୀ ଓ ଦର୍ଶକ ମାନଙ୍କୁ ଆକର୍ଷିତ କରିଥିଲା,ଷ୍ଟଲ୍ ତରଫରୁ ଚାଷୀ ଙ୍କ ଅବଗତ ତଥା ପରାମର୍ଶ ନିମନ୍ତେ ଷ୍ଟଲ ମାନ ଖୋଲା ଯାଇ କୃଷି ତଥା କୃଷି, ମତ୍ସ୍ୟ ଆଦି ସମ୍ବଧୀୟ ବିର୍ଭିନ୍ନ ଆତ୍ମନିର୍ଭର ଶିଳ ଯୋଜନା ଉପରେ ସରକାରୀ ଅଧିକାରୀ ମାନଙ୍କ ତରଫରୁ ପରାମର୍ଶ ଦିଆ ଯାଇଥିବା ଦେଖିବାକୁ ମିଳି ଥିଲା । ଜନସେବା କେନ୍ଦ୍ରମାନଙ୍କ ତରଫରୁ ଡିଜିଟାଲ ସେବା ଓ ଅନଲାଇନ ପଞ୍ଜିକରଣ ସହିତ ଚାଷୀ ମାନଙ୍କ ବିଭିନ୍ନ ଋଣ ସମ୍ବନ୍ଧିୟ ପରାମର୍ଶ କେନ୍ଦ୍ର ଖୋଲା ଯାଇ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା, ସାଂସଦ ବିଭୁପ୍ରସାଦ ତରାଇ ଅତିଥି । ଉଦଘାଟକ ଭାବେ ଯୋଗ ଦାନ କରି ରାଜ୍ୟ ସରକାର ଏହି ଦୁଇଗୋଟି ବିଭାଗ ର ଚାଷୀ ଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ, ଅସ୍ତରଙ୍ଗ ଓ କାକଟପୁର ଏକ ସମୁଦ୍ର ତଟ ଅଞ୍ଚଳ ଓ ଏହାର ଅଧିବାସି ମାନେ ମାଛ ଚାଷ ।

## ଚବିଶ ଘଣ୍ଟା ରେ ନିଖୋଜ ନାବାଳିକା ଉଦ୍ଧାର

କାକଟପୁର(ମହାଭାରତ): କାକଟପୁର ପୋଲିସ କୁ ମିଳିଛି ଆଉ ଏକ ସଫଳତା, ନୂତନ ଥାନା ଅଧିକାରୀ ବସନ୍ତ କୁମାର ସାହୁ ଙ୍କ ପ୍ରତି ବୃଦ୍ଧି ପାଇଛି ଜନସାଧାରଣ ଙ୍କ ଆତ୍ମବିଶ୍ୱାସ, କାକଟପୁର ଥାନା ଅଞ୍ଚଳ ରେ ଜଣେ ନାବାଳିକା ଝିଅ ୧୧ ତାରିଖ ମଙ୍ଗଳବାର ଦିନ ବିଦ୍ୟାଳୟ ଯାଇଥିଲେ ମାତ୍ର ଛୁଟି ହେବା ପରେ ଘରକୁ ଫେରି ନଥିଲେ, ସନ୍ଧ୍ୟା ହେବା ପରେ ଉକ୍ତ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ଶେଷ ରେ ନିରାଶ ହୋଇ କାକଟପୁର ଥାନା ରେ ପହଞ୍ଚି ଏକ ନିଖୋଜ ରିପୋର୍ଟ ଦେଇଥିଲେ । ଏହି ରିପୋର୍ଟ କୁ ଆଧାର କରି କାକଟପୁର ଥାନା ତରଫରୁ ୩୨୬/୨୫ ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ କରି ପରିଶେଷରେ ମାତ୍ର ୨୪ ଘଣ୍ଟା ଭିତରେ କାକଟପୁର ଥାନା ର ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ଅଞ୍ଚଳ ରୁ ନା ବାଳିକା ଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି, ସମସ୍ତ ଯାଞ୍ଚ ପରେ ଉକ୍ତ ନାବାଳିକା କୁ ତାଙ୍କ ପରିବାର କୁ ହସ୍ତାନ୍ତର କରାଯିବା ସହ ଏହି ଘଟଣା ଉପରେ ଅଧିକ ତଦନ୍ତ ଜାରିରହିଛି ବୋଲି ଥାନା ଅଧିକାରୀ ବସନ୍ତ ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ଖେଳ ପଡିଆରେ ପଡିଛି କୁଢ଼ କୁଢ଼ ସରକାରୀ ଔଷଧ

କପ୍ତିପଦା/ଉଦଳା-(ମହାଭାରତ): କପ୍ତିପଦା/ଉଦଳା - ସରକାରୀ ଔଷଧ ଏବଂ ସିରପ ପଡିଛି ଖେଳ ପଡିଆରେ । ତାହା ପୁଣି କୁଢ଼ କୁଢ଼ ହୋଇ । ଏଭଳି ଚିତ୍ର ସାମ୍ନାକୁ ଆସିଛି ଉଦଳା ହାଇସ୍କୁଲ ଖେଳ ପଡିଆରୁ । ଖେଳ ପଡିଆର ଏକ କୋଣରେ ଓଡିଶା ସରକାରଙ୍କ ଦ୍ୱାରା ସରକାରୀ ମେଡିକାଲରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ଔଷଧ ଫୋପାଡ଼ି ଦିଆଯାଇଛି । କେବଳ ଔଷଧ ନୁହେଁ ତା ମଧ୍ୟରେ ସିରପ ମଧ୍ୟ ରହିଛି । ଆଣ୍ଟିବାଇଓଟିକ, ଏସିଡ ସିରପ, ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଔଷଧ ଫୋପଡ଼ା ଯାଇଛି । ଯାହାକି ଅନେକ ଔଷଧ ଏକ୍ସପାଏର ହୋଇ ନ ଥିବା ବେଳେ କିଛି ଏକ୍ସପାଏର ହୋଇଯାଇଛି । ତେବେ କିଏ ଏବଂ କଣ ପାଇଁ ଏହି ଔଷଧ ଏଭଳି ଫୋପାଡ଼ିଛି ତାହାକୁ ନେଇ ଉଠିଛି ପ୍ରଶ୍ନ । ସରକାରୀ ଔଷଧ ହେତୁ ଏହା ସରକାରୀ ଡାକ୍ତରଖାନାରୁ ହିଁ ବାହାରିଥିବା ସ୍ପଷ୍ଟ ।

## ଦୁଇ ଚୋରା ମଦ ବ୍ୟବସାୟୀ ଗିରଫ ପରେ କୋର୍ଟ ଚାଲାଣ

କାକଟପୁର(ମହାଭାରତ): ଦିନକୁ ଦିନ କାକଟପୁର ଅସ୍ତରଙ୍ଗ ଅଞ୍ଚଳ ରେ ଦେଶୀ ଓ ବିଦେଶୀ ମଦ ର ଚୋରା ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଫଳରେ ଗ୍ରାମାଞ୍ଚଳ ପରିବେଶ ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ହେବାରେ ଲାଗିଛି, ଯାହାକୁ ନେଇ ଏହି ଚୋରା ମଦ ବ୍ୟବସାୟ ଙ୍କୁ ଧରିବାକୁ ପୁରୀ ଜିଲ୍ଲା ଏସପି ଙ୍କ ନିର୍ଦ୍ଦେଶ ରେ କାକଟପୁର ଥାନା ଅଧିକାରୀ ବସନ୍ତ ସାହୁ ଙ୍କ ନେତୃତ୍ୱ ରେ ସ୍ୱତନ୍ତ୍ର ଟିମ୍ ଆଜି ଏକ ଅପରେସନ କରି କାକଟପୁର ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମ ରୁ ସ୍ୱର୍ଗତଃ କାଶୀନାଥ ରାଉତ ଙ୍କ ପୁଅ ହୃଷିକେଶ ରାଉତ (୫୮)ଓ ଫକୀରସାହି ଗ୍ରାମ ରୁ ଭାସ୍କର ଓଝା ଙ୍କ ପୁଅ ପୀତବାସ ଓଝା (୪୯) ଉଭୟ ଙ୍କୁ ଚୋରା ମଦ କାରବାର ସମୟ ରେ ଗିରଫ କରିବାରେ ସଫଳ ହୋଇଛି । ମିଳିଥିବା ସୂଚନା ମୁତାବକ ଉଭୟ ଙ୍କ ନିକଟରୁ ୮ ଲିଟର ଫରେନ ଓ ୭. ୨ ଲିଟର ଆସ୍କା୪୦ ସର୍ବମୋଟ ୧୫. ୨୦୦ ଲିଟର ମଦ ଜବତ ହେଇଛି । ଓଡିଶା ଅବକାରୀ ଆଇନ ଦ୍ୱାରା ୩୩୪/୩୫ ଦୁଇ ଗୋଟି ପୃଥକ ପୃଥକ ମାମଲା ପଞ୍ଜିକରଣ କରାଯାଇ ଉଭୟ ଙ୍କୁ କୋର୍ଟ ଚାଲାଣ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି ।

## ବିଜେପି କର୍ମୀଙ୍କୁ ଆକ୍ରମଣ କଲେ ବିଜେପି କର୍ମୀ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଜେପି ପକ୍ଷରୁ ଥାନା ଘେରାଉ ସହ ପ୍ରତିବାଦ





ଆଙ୍କର(ମହାଭାରତ): ନୟାଗଡ଼ କାଳିକା ପ୍ରସାଦ ଗାଁର ବିଜେପି କର୍ମୀ ତଥା ଆର୍.ଟି.ଆଇ କର୍ମୀ ଅଶୋକ ଭଞ୍ଜଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଜେପି ପକ୍ଷରୁ ପ୍ରତିବାଦ କରାଯାଇଛି । ନୟାଗଡ଼ର ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ନେତୃରେ ସ୍ଥାନୀୟ ଅଞ୍ଚଳର ଶହ ଶହ ବିଜେପି କର୍ମୀ ଏକତ୍ରିତ ହୋଇ ନୟାଗଡ ସଦର ଥାନାକୁ ଘେରାଉ କରିବା ସହ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି । କାଳିକା ପ୍ରସାଦ ଗାଁରେ କିଛି ଦିନ ହେବ କୁହୁଳୁଥିବା ରାଜନୈତିକ ଉଷ୍ମତା ଗତ ମଙ୍ଗଳ ବାର ଦିନ ଉଗ୍ରରୂପ ନେଇଥିଲା । ଅଭିଯୋଗ ଅନୁଯାୟୀ ବିଜେପି ର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିଗତ ଦିନରେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ବାଦବିବାଦ ସୃଷ୍ଟି ହୋଇଥିଲା । ମୂଳ ବିଜେପି ଗୋଷ୍ଠୀ ଏବଂ ଦଳଡିଆଁ ବିଜେପି ଗୋଷ୍ଠୀର ନେତାଙ୍କ ସମର୍ଥକ ମଧ୍ୟରେ ମୁହାଁମୁହିଁ ସ୍ଥିତି ଘଟଣା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଅଞ୍ଚଳରେ ବିଗତ କିଛି ଦିନ ତଳେ ଗୋଟିଏ ଦିନରେ ବିଜେପି ପକ୍ଷରୁ ଦୁଇ ଦୁଇଟି ସମାନ୍ତରାଳ ସଭା ଅନୁଷ୍ଠିତ ହେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ କୁହୁଳୁଥିବା ରାଜନୈତିକ ଉଷ୍ମତା ହିଂସା ରୂପ ନେଇଛି । ମଙ୍ଗଳ ବାର ଦିନ ବିଜେପି ର ପୁରୁଣା କର୍ମୀ ଅଶୋକ କୁମାର ଭଞ୍ଜ ନିଜ ଗାଁ କାଳିକା ପ୍ରସାଦ ରୁ ନୟାଗଡ଼ ଅଭିମୁଖେ ଯିବା ସମୟରେ ଉକ୍ତ ଗାଁର ଅନ୍ୟ ଗୋଷ୍ଠୀ ସମର୍ଥିତ ଦିଗାମ୍ବର ସ୍ୱାଇଁ, ଗୋପାଳ ମହାପାତ୍ର, ଚନ୍ଦନ ମହାପାତ୍ର, ସୁଶାନ୍ତ କୁମାର ଭଞ୍ଜ ତାଙ୍କୁ ରାସ୍ତାରେ ଅଟକାଇ ନିର୍ଘୁମ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଅଶୋକଙ୍କ ଅବସ୍ଥା ସଙ୍କଟାପନ୍ନ ଦେଖି ସ୍ଥାନୀୟ ଅଞ୍ଚଳର କିଛି ଲୋକ ତାଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଏନେଇ ଅଶୋକଙ୍କ ଭାଇ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଗାଁରେ ଚାଲିଥିବା କିଛି ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଅଶୋକ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମାଗିଥିଲେ । ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଗାଁରେ ଚାଲିଥିବା କାମ ସମ୍ପର୍କରେ ଅଶୋକ ଆର୍.ଟି.ଆଇ ରେ ତଥ୍ୟ ମାଗିଥିଲେ । ଯାହାକୁ ନେଇ ପୂର୍ବ ଯୋଜନା ଅନୁସାରେ, ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଅଶୋକ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ସମର୍ଥକ ବୋଲି ଜଣାପଡ଼ିଛି । ଯାହାକୁ ନେଇ ରାଜନୈତିକ ଆକ୍ରୋଶ କାରଣରୁ ଏହି ଆକ୍ରମଣ ହୋଇଥିବା ଅଭିଯୋଗ ହେଉଛି । ଯାହାକୁ ନେଇ ସଦର ଥାନା ପୁଲିସ କେବଳ ମାମଲା ରୁଜୁ କରି ବସିପଡିଥିବା ନେଇ ବିଜେପି ନେତା ସନ୍ତୋଷ ପ୍ରଧାନ ଅଭିଯୋଗ କରିବା ସହ ଅଭିଯୁକ୍ତ ଙ୍କୁ ତୁରନ୍ତ ଗିରଫ ଦାବିରେ ସନ୍ତୋଷ ଏବଂ ତାଙ୍କ ସମର୍ଥକ ବହୁ ବିଜେପି କର୍ମୀ ସଦର ଥାନା ରେ ପ୍ରତିବାଦ କରିଛନ୍ତି । ଏଭଳି ଘଟଣାରେନ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ପ୍ରତିକ୍ରିୟା ଘଟଣାକୁ ଆହୁରି ଉଷ୍ମ କରିଛି ।ନୟାଗଡ଼ରେ ହିଂସା କାଣ୍ଡ ବଢିବା ପଛରେ ବିଜେପି ର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ମାଡ଼ପିଟି ଘଟଣାରେ ବିଜେପି ର ବଡ ବଡ ନେତା ଏବଂ ନେତ୍ରୀଙ୍କ ଭୂମିକା ରହିଥିବା କହି ସ୍ଥାନୀୟ ବିଧାୟକ ଜଳୁଥିବା ନିଆଁରେ ଘିଅ ଢାଳିଛନ୍ତି ।



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





# ଜାମିଆରୁ ଜେଲ୍ ପର୍ଯ୍ୟନ୍ତ ଆତଙ୍କବାଦ ଦ୍ୱାରା କଳଙ୍କିତ ଅଲ-ଫଲାହର ଚାନସ୍ଲେରଙ୍କ ଅତୀତର ଇତିହାସ

ନୂଆଦିଲ୍ଲୀ: 'ଅଲ-ଫଲାହ' ଏକ ଆରବୀ ଶବ୍ଦ, ଯାହାର ଅର୍ଥ ସଫଳତା, ସମୃଦ୍ଧି ଓ ଜନକଲ୍ୟାଣ। ଫରିଦାବାଦର ଏକ ମେଡିକାଲ କଲେଜ ପାଇଁ ଏହା ଏକ ଉପଯୁକ୍ତ ନାମ ଥିଲା। କିନ୍ତୁ ନଭେମ୍ବର ୧୦ର ଦିଲ୍ଲୀ ବିସ୍ଫୋରଣ ଏହି ନାମକୁ କଳଙ୍କିତ କରିଦେଇଛି। ଅଲ-ଫଲାହ ସ୍କୁଲ୍ ଅଫ୍ ମେଡିକାଲ୍ ସାଇନସ୍ସେ୍ ମାତ୍ର ଛଅ ବର୍ଷ ପୂର୍ବେ ୨୦୧୯ରେ ଆଶାୟୀ ଡାକ୍ତରଙ୍କ ପ୍ରଥମ ବ୍ୟାଚ୍‌କୁ ସ୍ୱାଗତ କରିଥିଲା। ଅଲ-ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା (ଯାହାର ଏକ ଅଂଶ ମେଡିକାଲ କଲେଜ) ହେଉଛନ୍ତି ଜୱାଦ ଅହମଦ ସିଦ୍ଦିକି। ଜଣେ ପୂର୍ବତନ ଅଧ୍ୟାପକ, ସିଦ୍ଦିକି ବର୍ତ୍ତମାନ ଅଲ-ଫଲାହ ଗ୍ରୁପ୍ ଅଫ୍ କମ୍ପାନି ଅଧୀନରେ ପ୍ରାୟ ଏକ ଡଜନ ଉଦ୍ୟୋଗର ନିର୍ଦ୍ଦେଶକ ଓ ପ୍ରତିଷ୍ଠାତା। କିନ୍ତୁ ନୂଆଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ କେବଳ ଅଲ-ଫଲାହ ଗୋଷ୍ଠୀକୁ ଚର୍ଚ୍ଚାକୁ ଆଣି ନାହିଁ, ବରଂ ଏହା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାକୁ ମଧ୍ୟ କଳଙ୍କିତ କରିଛି। ଏହି ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଯେକୌଣସି ବ୍ୟକ୍ତିର ମାନମର୍ଯ୍ୟାଦା ଓ ପ୍ରତିଷ୍ଠା ମଧ୍ୟ କଳଙ୍କିତ ହୋଇଛି। ଯଦି ଦିଲ୍ଲୀ ବିସ୍ଫୋରଣରେ ତାଙ୍କ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତି ଚର୍ଚ୍ଚାକୁ ଆସି ନ ଥାନ୍ତା, ତେବେ ଚାନସ୍ଲେର ତଥା ପ୍ରତିଷ୍ଠାତା ଜୱାଦ ଅହମଦ ସିଦ୍ଦିକି ଜାମିଆ ନଗରରେ ଥିବା ତାଙ୍କ ବିଳାସପୂର୍ଣ୍ଣ ମହଲରେ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ କରିଥାନ୍ତେ। ୬୧ ବର୍ଷ ବୟସ୍କ ଜୱାଦ ୧୫ ନଭେମ୍ବର ୧୯୬୪ରେ ହମ୍ମାଦ ଅହମଦ ସିଦ୍ଦିକିଙ୍କ ତିନି ପୁଅଙ୍କ ମଧ୍ୟରୁ ଜଣେ ଭାବରେ ଜନ୍ମଗ୍ରହଣ କରିଥିଲେ। ସେ ମଧ୍ୟପ୍ରଦେଶର ମହୁରେ ବଢ଼ିଥିଲେ, ଯାହା ଭୀମରାଓ ଆମ୍ବେଦକରଙ୍କ ଜନ୍ମସ୍ଥାନ ଥିଲା, ଯାହାଙ୍କ ନାମରେ ବର୍ତ୍ତମାନ ସହରର ନାମକରଣ କରାଯାଇଛି। ତାଙ୍କର (ଅଣ-ସକ୍ରିୟ) ଲିଙ୍କଡଇନ୍ ପ୍ରୋଫାଇଲ୍ ଅନୁଯାୟୀ, ଜୱାଦ ଅହମଦ ସିଦ୍ଦିକି ଇନ୍ଦୋରର ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟରୁ ଇଣ୍ଡଷ୍ଟ୍ରିଆଲ୍ ଓ ପ୍ରଡକ୍ଟ ଡିଜାଇନରେ ବିଟେକ୍ କରିଛନ୍ତି। ପରେ ତାଙ୍କ ପରିବାର ଦିଲ୍ଲୀ ଚାଲିଗଲେ। ଜଣେ ପୂର୍ବତନ ସହକର୍ମୀଙ୍କ କହିବା ଅନୁଯାୟୀ, ଜୱାଦ ୧୯୯୩ରେ ଜାମିଆ ମିଲିଆ ଇସଲାମିଆରେ ମେକାନିକାଲ୍ ଇଞ୍ଜିନିୟରିଂ ଅଧ୍ୟାପକ ହୋଇଥିଲେ। କିନ୍ତୁ ତାଙ୍କର ଉଚ୍ଚାଭିଳାଷ ବହୁତ ଅଧିକ ଥିଲା। ଜାମିଆରେ କାମ କରିବା ସମୟରେ ସେ ବ୍ୟବସାୟରେ ମନ ଦେଲେ ଏବଂ ତାଙ୍କ ଭାଇ ସାଉଦଙ୍କ ସହ ମିଶି କିଛି ଛୋଟ କମ୍ପାନି ଗଠନ କଲେ। ଏଥିମଧ୍ୟରୁ ଅଲ-ଫଲାହ ଇନ୍ ?ଭେଷ୍ଟମେଣ୍ଟସ ଅନ୍ୟତମ ଥିଲା, ଯାହା ଶେଷରେ ଉଭୟଙ୍କୁ ତିନି ବର୍ଷ ପାଇଁ ତିହାର ଜେଲକୁ ପଠାଇଥିଲା।

ଜାମିଆରେ ଥିବାବେଳେ ଜୱାଦ ତାଙ୍କର କିଛି ସହକର୍ମୀଙ୍କୁ ତାଙ୍କ ବ୍ୟବସାୟ ଉଦ୍ୟମରେ ବିନିଯୋଗ କରିବାକୁ ପ୍ରବର୍ତ୍ତାଇଥିଲେ, ବିପୁଳ ରିଟର୍ଣ୍ଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତଥାପି ସେ ଶୀଘ୍ର ଠକେଇ, ଆତ୍ମସାତ୍ ଓ ହଡ଼ପ ଅଭିଯୋଗରେ ଜଡିତ ହୋଇଥିଲେ। ୨୦୦୦ ମସିହାରେ କେଆର୍ ସିଂହ ନାମକ ଜଣେ ବ୍ୟକ୍ତି ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନିରେ ଅଲ୍ ଫଲାହ ଇନଭେଷ୍ଟମେଣ୍ଟ ଲିମିଟେଡ୍ ବିରୋଧରେ ଏଫ୍ଆଇଆର୍ (ନଂ.୪୩/୨୦୦୦) ଦରଜ କରିଥିଲେ। ଦିଲ୍ଲୀ କ୍ରାଇମ୍ ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଏହି ମାମଲାର ତଦନ୍ତ କରିଥିଲା। ଜୱାଦଙ୍କୁ ଗିରଫ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଭାଇଙ୍କ ସହ ତିନି ବର୍ଷରୁ ଅଧିକ ସମୟ ଜେଲରେ ରଖାଯାଇଥିଲା। ମାର୍ଚ୍ଚ ୨୦୦୩ରେ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦିଲ୍ଲୀ ହାଇକୋର୍ଟ ଉଲ୍ଲେଖ କରିଥିଲେ ଯେ, ଦିଲ୍ଲୀର ଫରେନସିକ୍ ସାଇନ୍ସ ଲାବୋରେଟୋରି ଜାଣିବାକୁ ପାଇଛି ଯେ ନିବେଶକଙ୍କ ଦସ୍ତଖତ ନକଲି ହୋଇଛି। ଆବେଦନକାରୀମାନେ ନିବେଶକଙ୍କଠାରୁ ପ୍ରାପ୍ତ ବିପୁଳ ପାଣ୍ଠିକୁ ସେମାନେ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ ଏବଂ ପରେ ଏହାକୁ ଅପବ୍ୟବହାର କରିଥିଲେ। ଶେଷରେ ସେ ଓ ତାଙ୍କ ଭାଇ ଠକେଇ କରିଥିବା ଟଙ୍କା ଫେରସ୍ତ କରିବାକୁ ରାଜି ହେବା ପରେ ଫେବ୍ରୁଆରି ୨୦୦୪ରେ ଜାମିନ ମିଳିଥିଲା ଏବଂ ପରେ ୨୦୦୫ରେ ପଟିଆଲା କୋର୍ଟ ତାଙ୍କୁ ଏହି ମାମଲାରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ବିଶ୍ୱସ୍ତ ସୂତ୍ର ଅନୁଯାୟୀ, ଅଲ-ଫଲାହ ସ୍କୁଲ୍ ଅଫ୍ ମେଡିକାଲ୍ ସାଇନସ୍ସେ୍ ୨୦୧୯ରେ କେତେକ ଭଲ ପଦକ୍ଷେପ ନେଇଥିଲା। କିନ୍ତୁ ଧୀରେ ଧୀରେ କଲେଜ କାଶ୍ମୀରରୁ ଅନେକ ଡାକ୍ତରଙ୍କୁ ନିଯୁକ୍ତି ଦେବା ଆରମ୍ଭ କଲା। ଫଳରେ ଏକ ସଂଖ୍ୟାଲଘୁ ବିଶ୍ୱବିଦ୍ୟାଳୟ ଅଧିକରୁ ଅଧିକ ରୁଢ଼ିବାଦୀ ହୋଇଗଲା। ପରିସ୍ଥିତି ସମ୍ପର୍କରେ ମ୍ୟାନେଜମେଣ୍ଟକୁ ଅବଗତ କରାଯାଇଥିଲା। କିନ୍ତୁ ସେମାନେ ଏହାକୁ ଅଣଦେଖା କଲେ। ଦିଲ୍ଲୀ ବିସ୍ଫୋରଣର ଗୋଟିଏ ଦିନ ପରେ ଗିରଫ ହୋଇଥିବା ଏବଂ ଆତଙ୍କବାଦୀ ମଡ୍ୟୁଲ୍ ସହିତ ଜଡିତ ଥିବା ଡାକ୍ତର ଶାହିନ୍ ସୟିଦ୍ ପ୍ରାୟତଃ ତାଙ୍କ ସହକର୍ମୀ ଓ ଛାତ୍ରୀମାନଙ୍କୁ ଅଧିକ କଠୋରବାଦୀ ମୁସଲମାନ ହେବାକୁ ଏବଂ ହିଜାବ ଓ ବୁର୍ଖା ପିନ୍ଧିବାକୁ ପ୍ରବର୍ତ୍ତାଉଥିଲେ। କୋଭିଡ୍-୧୯ ମହାମାରୀ ସମୟରେ, ଅଲ-ଫଲାହର ନର୍ସମାନେ ଉଚ୍ଚ ବିପଦପୂର୍ଣ୍ଣ ପରିବେଶରେ କାମ କରିବା ପାଇଁ ଜୀବନ ବୀମା ଦାବି କରିବାରୁ ସେମାନଙ୍କୁ ବରଖାସ୍ତ କରାଯାଇଥିଲା। ଗତ ବର୍ଷ ମେଡିକାଲ୍ ଇଣ୍ଟର୍ନମାନେ କଲେଜର ଖରାପ ଭିତ୍ତିଭୂମି ଓ ଷ୍ଟାଇପେଣ୍ଡ ଦିଆ ନ ଯିବାକୁ ବିରୋଧ କରିବାରୁ ନିଲମ୍ବିତ ହୋଇଥିଲେ।




# ଅମିତ ଶାହଙ୍କ ବାସଭବନରେ ଉଚ୍ଚସ୍ତରୀୟ ବୈଠକ



ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ତାଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏନ୍ଏସ୍ଏ (ଜାତୀୟ ସୁରକ୍ଷା ଉପଦେଷ୍ଟା) ଅଜିତ ? ଡୋଭାଲ, ଆଇବି ମୁଖ୍ୟ ତପନ କୁମାର ଡେକା, ଏବଂ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ଏହି ବୈଠକରେ ଯୋଗ ଦେଇଥିଲେ। ଶାହ ଆଜି ସୁରକ୍ଷା ସଂକ୍ରାନ୍ତରେ ୨ଟି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଦିଲ୍ଲୀ ବିସ୍ଫୋରଣର ତଦନ୍ତ ଅଗ୍ରଗତି, ଆତଙ୍କବାଦୀ ନେଟୱର୍କକୁ ଧ୍ୱସ୍ତ କରିବା ପାଇଁ ଚାଲିଥିବା ଅଭିଯାନ ଏବଂ ପରବର୍ତ୍ତୀ ରଣନୀତି ସଂପର୍କରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଗତକାଲି ଭାରତ ସରକାର ଦିଲ୍ଲୀ ବିସ୍ଫୋରଣକୁ ଆତଙ୍କବାଦୀ ଆକ୍ରମଣ ବୋଲି ଘୋଷଣା କରିବା ପରେ ଆଜି ଆମେରିକା ମଧ୍ୟ ଏହା ସହ ସହମତି ପ୍ରକାଶ କରିଛି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଦିଲ୍ଲୀ କାର୍ ବୋମା ବିସ୍ଫୋରଣକୁ ଏକ ଜଘନ୍ୟ ଆତଙ୍କବାଦୀ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି। ଜି-୭ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ମଧ୍ୟ ରୁବିଓ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ଯୋଜନା ଥିଲା ୩୨ ଟି ବିସ୍ଫୋରଣ, ଧାର୍ଯ୍ୟ ତାରିଖ ଥିଲା ଡିସେମ୍ବର ୬

ନୂଆଦିଲ୍ଲୀ : ୩୨ଟି କାରରେ ୩୨ଟି ବିସ୍ଫୋରଣ ଯୋଜନା । ଧାର୍ଯ୍ୟ ତାରିଖ ଥିଲା ଡିସେମ୍ବର ୬ । ଦିଲ୍ଲୀ ଲାଲକିଲ୍ଲା ବ୍ଲାଷ୍ଟ ତଦନ୍ତରୁ, ତଦନ୍ତକାରୀ ସଂସ୍ଥାକୁ ଏପରି ସାଂଘାତିକ ତଥ୍ୟ ମିଳିଥିବା କୁହାଯାଉଛି । ନଭେମ୍ବର ୧୦ରେ ଏକ ହ୍ୟୁଣ୍ଡାଇ ଆଇ ୨୦ ଗାଡ଼ିରେ ବିସ୍ଫୋରଣ ହେଲା। ଗୋଟିଏ ସୁଜିକି ବ୍ରେଜା, ସ୍ୱିଫ୍ଟ ଡିଜାୟର ଏବଂ ଗୋଟିଏ ଫୋର୍ଡ ଇକୋ ସ୍ପୋର୍ଟର ସନ୍ଧାନ ମିଳି ସାରିଛି । ବ୍ରିଜା କାରଟି ହରିୟାଣାର ଫରିଦାବାଦର ଅଲ-ଫଲାହ ସ୍କୁଲ ଅଫ୍ ମେଡିକାଲ୍ ସାଇନସ୍ସେ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର କ୍ୟାମ୍ପସରୁ ମିଳିଥିଲା । ସେହି ଅନୁଷ୍ଠାନ ଏବେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ଭାବରେ ଉଭା ହୋଇଛି। ଇକୋ ସ୍ପୋର୍ଟ କାରଟି ଗତକାଲି ହରିୟାଣା ଫରିଦାବାଦରୁ ମିଳିଥିଲା। ଡିଜାୟର ଗାଡ଼ିଟି ସୋମବାର ଜବତ ହୋଇଥିଲା। ସେଥିରୁ ଗୋଟିଏ ଆସଲ୍ଟ ରାଇଫଲ ଓ ଅନ୍ୟାନ୍ୟ ବିସ୍ଫୋରକ ମିଳିଥିଲା । ମୋଟ ୩୨ଟି ଗାଡ଼ି ଯୋଗାଡ଼ ଲକ୍ଷ୍ୟରେ ଥିଲେ ଆତଙ୍କବାଦୀ । ପୁରୁଣା ଗାଡ଼ି ଯାହାର ବାରମ୍ବାର ବିକାକିଣା ହୋଇଛି, ସେହିପରି ଗାଡ଼ି ବ୍ୟବହାର କରିବାକୁ ଚାହୁଁଥିଲେ ଆତଙ୍କବାଦୀ। ଡିସେମ୍ବର ୬ରେ ଦିଲ୍ଲୀରେ ଛଅଟି ପର୍ଯ୍ୟାୟରେ ୬ଟି ସ୍ଥାନରେ ସମନ୍ୱିତ ଢଙ୍ଗରେ ଆକ୍ରମଣ ପାଇଁ ଯୋଜନା ହୋଇଥିବା ଜଣାପଡିଛି।

# ଦେଶରେ ୬ କୋଟି ମୃତକଙ୍କ ଆଧାର କାର୍ଡ ସକ୍ରିୟ




ନୂଆଦିଲ୍ଲୀ: ଜାନୁଆରି ୨୦୦୯ରେ ଦେଶରେ ଆଧାର କାର୍ଡ ଲାଗୁ କରାଯାଇଥିଲା। ପ୍ରତ୍ୟେକ ନାଗରିକଙ୍କୁ ଆଧାର ନମ୍ବର ପ୍ରଦାନ କରିବାର ୧୫ ବର୍ଷ ବିତିଗଲାଣି। ଏହି ସମୟ ମଧ୍ୟରେ ୧୪୨ କୋଟିରୁ ଅଧିକ ଆଧାର କାର୍ଡ ଜାରି କରାଯାଇଥିଲା, କିନ୍ତୁ ୮ କୋଟିରୁ ଅଧିକ ଧାରକଙ୍କ ମୃତ୍ୟୁ ସତ୍ତ୍ୱେ ମାତ୍ର ୧.୮୩ କୋଟି କାର୍ଡ ନିଷ୍କ୍ରିୟ ହୋଇପାରିଛି। ପ୍ରାୟ ୬ କୋଟି ମୃତକଙ୍କ ଆଧାର ଏବେ ବି ସକ୍ରିୟ ରହିଛି। ପଶ୍ଚିମବଙ୍ଗରେ ପ୍ରାୟ ୩୪ ଲକ୍ଷ ଆଧାର କାର୍ଡଧାରୀଙ୍କ ମୃତ୍ୟୁ ଘଟିଛି। ତଥାପି, ସେମାନଙ୍କର ଆଧାର କାର୍ଡ ଏବେ ବି ସକ୍ରିୟ ଅଛି। ଏହାଦ୍ୱାରା ବ୍ୟାଙ୍କ ଠକେଇ, ନକଲି ଆକାଉଣ୍ଟ ଓ ସରକାରୀ ଯୋଜନା ଲାଭର ଅପବ୍ୟବହାର ଆଶଙ୍କା ବୃଦ୍ଧି ପାଇଛି। ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ)ର ସିଇଓ ଭୁବନେଶ କୁମାରଙ୍କ କହିବା ଅନୁଯାୟୀ, ୟୁଆଇଡିଏଆଇ ଏପର୍ଯ୍ୟନ୍ତ ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ (ଆ ?ଜିଆଇ)ଙ୍କଠାରୁ ଏପର୍ଯ୍ୟନ୍ତ ୧.୫୫ କୋଟି ମୃତକଙ୍କ ତଥ୍ୟ ପାଇଛି। ନଭେମ୍ବର ୨୦୨୪ରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ୩୮ ଲକ୍ଷରୁ ଅଧିକ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ୧.୧୭ କୋଟି ଲୋକଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ଆଧାର କାର୍ଡ ନିଷ୍କ୍ରିୟ କରାଯାଇଛି। କର୍ତ୍ତୃପକ୍ଷ ଆକଳନ କରିଛନ୍ତି ଯେ, ଡିସେମ୍ବର ସୁଦ୍ଧା ୨ କୋଟି କାର୍ଡ ନିଷ୍କ୍ରିୟ ହୋଇଯିବ। ୟୁଆଇଡିଏଆଇ ଚାରି ମାସ ପୂର୍ବେ ୱେବ୍ ?ସାଇଟ୍ ?ରେ ଏକ ମୃତ୍ୟୁ ସୂଚନା ପୋର୍ଟାଲ ଆରମ୍ଭ କରିଥିଲା ଯାହାଦ୍ୱାରା ପରିବାର ଅନଲାଇନରେ ମୃତକଙ୍କ ଆଧାରକୁ ନିଷ୍କ୍ରିୟ କରିପାରିବ। ଏ ପର୍ଯ୍ୟନ୍ତ ମାତ୍ର ୩ ହଜାର ଲୋକ ଏହି ସୂଚନା ପଞ୍ଜୀକୃତ କରିଛନ୍ତି, ଯେଉଁଥିରୁ କେବଳ ୫୦୦ ମାମଲା ଯାଞ୍ଚ କରାଯାଇ କାର୍ଡ ନିଷ୍କ୍ରିୟ କରାଯାଇଛି। ଭୁବନେଶ କୁମାର କହିଛନ୍ତି, ୨୦୧୦ରେ ଆଧାର ଆରମ୍ଭ ହୋଇଥିଲା। ୨୦୧୬ ମସିହା ପରଠାରୁ ପ୍ରାୟ ୮ କୋଟି ଆଧାରଧାରୀଙ୍କ ମୃତ୍ୟୁ ଘଟିଥିବା ଆକଳନ କରାଯାଇଛି। ନାଗରିକ ପଞ୍ଜୀକରଣ ବ୍ୟବସ୍ଥା କେବଳ ୨୫ଟି ରାଜ୍ୟ ପାଇଁ ତଥ୍ୟ ପ୍ରଦାନ କରେ। ଅବଶିଷ୍ଟ ରାଜ୍ୟରୁ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେତେବେଳେ ଆଧାର ଜାରି କରାଗଲା, ସେତେବେଳେ ଦେଶରେ ବାର୍ଷିକ ମୃତ୍ୟୁ ପ୍ରାୟ ୫୬ ଲକ୍ଷ ଥିଲା। ଏହି ସଂଖ୍ୟା ୮୫ ଲକ୍ଷକୁ ବୃଦ୍ଧି ପାଇଛି। ସେଥିପାଇଁ ଆମେ ୨୦୧୬ ପରଠାରୁ ଆଠ କୋଟି ମୃତ୍ୟୁ ଅନୁମାନ କରୁଛୁ। ମୃତ୍ୟୁ ପଞ୍ଜୀକରଣ ତଥାପି ସନ୍ତୋଷଜନକ ନୁହେଁ। ଏପର୍ଯ୍ୟନ୍ତ ପ୍ରାୟ ୪୮ ଲକ୍ଷ ନାମ ମେଳ ଖାଉ ନାହିଁ। ଏଥିମଧ୍ୟରୁ ୪-୫% ରେକର୍ଡ ଆଞ୍ଚଳିକ ଭାଷାରେ ଲିପିବଦ୍ଧ ହୋଇଥିବା ହେତୁ ମେଳ ହୋଇପାରିଲା ନାହିଁ। ଏହି ପ୍ରକ୍ରିୟାରେ, ଏପରି ୮୦ଟି ମାମଲା ରୁଜୁ ହୋଇଥିଲା ଯେଉଁଥିରେ ମୃତ ଘୋଷିତ ହୋଇଥିବା ଲୋକ ପରେ ଜୀବିତ ମିଳିଥିଲେ। ଏହି ମାମଲାଗୁଡ଼ିକର ବର୍ତ୍ତମାନ ତଦନ୍ତ ଚାଲିଛି। ୟୁଆଇଡିଏଆଇ ଡାଟାବେସରେ ୮.୩୦ ଲକ୍ଷ ଆଧାରଧାରୀଙ୍କ ବୟସ ୧୦୦ ବର୍ଷରୁ ଅଧିକ ବୋଲି ରେକର୍ଡ କରାଯାଇଛି। ଏଥିମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୭୪,୦୦୦, ଉତ୍ତରପ୍ରଦେଶରେ ୬୭,୦୦୦, ଆନ୍ଧ୍ରପ୍ରଦେଶରେ ୬୪,୦୦୦ ଏବଂ ତେଲେଙ୍ଗାନାରେ ୬୨,୦୦୦ କାର୍ଡଧାରୀ ଅଛନ୍ତି। ଏଥିମଧ୍ୟରୁ ଏପର୍ଯ୍ୟନ୍ତ ମାତ୍ର ୩,୦୮୬ ମାମଲା ଚିହ୍ନଟ ହୋଇଛି। ଏମାନଙ୍କ ମଧ୍ୟରୁ ୬୨୯ ଜଣ ଜୀବିତ ଥିଲେ, ୭୮୩ ଜଣ ମୃତ ଥିଲେ ଏବଂ ୧,୬୭୪ ଜଣଙ୍କ ରିପୋର୍ଟ ମିଳି ନ ଥିଲା। ଏସ୍ ?ବିଆଇର ୨୨ କୋଟି ଆଧାର ଲିଙ୍କ୍ ଆକାଉଣ୍ଟ ମଧ୍ୟରୁ ୮ ଲକ୍ଷ ମୃତ ଆକାଉଣ୍ଟ ବନ୍ଦ ହୋଇଯାଇଛି। ପିଏନ୍ ?ବିର ୧୪ କୋଟି ଆକାଉଣ୍ଟ ମଧ୍ୟରୁ ୪ ଲକ୍ଷ ମୃତ୍ୟୁ ନିଶ୍ଚିତ ହୋଇଛି। ପିଡିଏସ୍ ସହ ଜଡିତ ୮୦ କୋଟି ରାସନ କାର୍ଡ ମଧ୍ୟରୁ ୪.୫ ଲକ୍ଷ ମୃତକଙ୍କ କାର୍ଡ ସକ୍ରିୟ ଥିବା ଜଣାପଡ଼ିଛି। ଦୁଇ କୋଟି ପେନସନଭୋଗୀଙ୍କ ମଧ୍ୟରୁ ୨୨ ଲକ୍ଷ ମୃତ୍ୟୁ ନିଶ୍ଚିତ ହୋଇଛି। ବୀମା କମ୍ପାନିଗୁଡ଼ିକ ପାଖରେ ୫ ଲକ୍ଷ ମୃତ୍ୟୁ ସୂଚନା ରହିଛି।

# ପୁଣେରେ ଭୟଙ୍କର ସଡ଼କ ଦୁର୍ଘଟଣା, ଜଳିଗଲେ ୮ ଲୋକ

ପୁଣେ : ପୁଣେରେ ଘଟିଯାଇଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା । ଏଥିରେ ୮ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ପାଖରେ ଥିବା ଅନ୍ୟ ଗାଡିଗୁଡିକରେ ନିଆଁ ଲାଗି ଯିବାରୁ ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା କରାଯାଉଛି। ପୋଲିସ ଓ ଦମକଳ ବାହିନୀ ଦୁର୍ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିବା ସହ ଗୁରୁତରଙ୍କୁ ହସ୍ପିଟାଲ ନେଇଛନ୍ତି । ସୂଚନା ଅନୁଯାୟୀ, ମୁମ୍ବାଇ-ବେଙ୍ଗଲୁରୁ ହାଇୱେରେ ଏକ ମାଲ ବୋଝେଇ ଟ୍ରକ ବ୍ରେକ ଫେଲ ହେବାରୁ ଦ୍ରୁତ ଗତିରେ ଆସି ୬ ରୁ ଉର୍ଦ୍ଧ୍ୱ ଗାଡିକୁ ଧକ୍କା ଦେଇଥିଲା । ଦୁଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକରେ ଜ୍ୱଳନଶୀଳ ସାମଗ୍ରୀ ଥିବାରୁ ଗାଡ଼ିଗୁଡ଼ିକ ଜଳିବାକୁ ଲାଗିଥିଲା । ଏହି ଦୁର୍ଘଟଣାରେ ୮ ଜଣ ବ୍ୟକ୍ତି ଜିଅନ୍ତା ଜଳିଯାଇଥିବା ଜାଣିବାକୁ ମିଳିଛି । ଗୁରୁତରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଘଟଣାର ତଦନ୍ତ କରୁଛି ପୋଲିସ । ଟ୍ୟାଙ୍କରରେ ନିଆଁ ଲାଗି ଲୋକଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଜଳି ଯାଇଥିବା ଗାଡିଗୁଡିକୁ ହଟାଇ ଟ୍ରାଫିକ ଚଳାଚଳ ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରହିଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଦୁର୍ଘଟଣା ମୃତକଙ୍କ ପାଇଁ ଦୁଃଖ ପ୍ରକାଶ କରିବା ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।



# ସଡ଼କ ଦୁର୍ଘଟଣା, ୩୭ ମୃତ

ପେରୁ: ଦକ୍ଷିଣ ପେରୁରେ ବୁଧବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ବସ୍ ଅନ୍ୟ ଏକ ଗାଡ଼ି ସହିତ ଧକ୍କା ହୋଇ ଗଭୀର ଘାଟିକୁ ଖସି ପଡ଼ିଛି । ଏହି ଦୁର୍ଘଟଣାରେ ଅତି କମରେ ୩୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି ବୋଲି କହିଛନ୍ତି ଅଧିକାରୀମାନେ । ଏଥିସହ ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଛି । ଆରେକ୍ୱିପା ଅଞ୍ଚଳର ସ୍ୱାସ୍ଥ୍ୟ ପରିଚାଳକ ୱାଲ୍ଟର ଓପୋର୍ଟୋ ସ୍ଥାନୀୟ ରେଡିଓ ଜଟଚକୁ କହିଛନ୍ତି ଯେ ବସ୍ ଟି ଏକ ପିକଅପ୍ ଟ୍ରକ୍ ସହିତ ଧକ୍କା ଖାଇ ରାସ୍ତାରୁ ଖସି ଏକ ଖାତକୁ ଖସି ପଡ଼ିଥିଲା । ବସ୍ ଟି ଚାଲା ସହରରୁ ବାହାରି ଆରେକ୍ୱିପା ଅଭିମୁଖେ ଯାଉଥିବା ବେଳେ ଦକ୍ଷିଣ ପେରୁରେ ହଠାତ୍ ଅନ୍ୟ ଏକ ଗାଡ଼ି ସହିତ ଧକ୍କା ହୋଇଥିଲା । ଚାଲା ହେଉଛି ଦକ୍ଷିଣ ପେରୁର ଏକ ଖଣି ଅଞ୍ଚଳ ।

# ଅଲ୍-ଫଲାହ ହଷ୍ଟେଲରେ ଷଡ଼ଯନ୍ତ୍ର ରଚିଥିଲେ ଆତଙ୍କୀ ଡାକ୍ତର ଗୋଷ୍ଠୀ

ନୂଆଦିଲ୍ଲୀ: ହରିୟାଣାର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏକ ସାଧାରଣ ସନ୍ତସନ୍ତିଆ ହଷ୍ଟେଲ କୋଠରିରେ ଡାକ୍ତରମାନେ ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ର କରିଥିବା ଜଣାପଡ଼ିଛି। ପୁରୁଷ ହଷ୍ଟେଲର ୧୭ ନମ୍ବର ବିଲ୍ଡିଂର ରୁମ୍ ନମ୍ବର ୧୩ ହ୍ୱାଇଟ୍ କଲାର ଆତଙ୍କବାଦୀ ମଡ୍ୟୁଲର ଗୁପ୍ତ ବୈଠକ କେନ୍ଦ୍ର ଭାବରେ କାର୍ଯ୍ୟ କରିଥିଲା। ସୋମବାର ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ଘଟାଇଥିବା ଡାକ୍ତର ଉମର ନବୀ ସେଠାରେ କାର୍ଯ୍ୟରତ ଥିବା ଖବର ଆସିବା ପରେ ଫରିଦାବାଦର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ଓ ଡାକ୍ତରଖାନା ଚର୍ଚ୍ଚାକୁ ଆସିଛି।

ଗୋଟିଏ ଦିନ ପୂର୍ବରୁ, ଅଲ-ଫାଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଡ. ମୁଜାମିଲ ଶକିଲଙ୍କ ଭଡାଘରୁ ୨,୯୦୦ କିଲୋଗ୍ରାମ୍ ଆଇଇଡି ତିଆରି ସାମଗ୍ରୀ ଜବତ କରାଯାଇଥିଲା। ଭାରତରେ ପାକିସ୍ତାନର ଜୈସ-ଏ-ମହମ୍ମଦର ମହିଳା ଶାଖା ଗଠନ ଦାୟିତ୍ୱରେ ଥିବା ଡାକ୍ତର ଶାହିନ ଶାହିଦ ମଧ୍ୟ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ ଥିଲା। ମୁଜାମିଲ ଓ ଶାହିନଙ୍କୁ ଗିରଫ କରାଯାଇଥିବା ବେଳେ ଆତ୍ମଘାତୀ ବିସ୍ଫୋରଣରେ ଉମରର ମୃତ୍ୟୁ ଘଟିଛି। କାଶ୍ମୀରର ଅନ୍ୟ ଜଣେ ଡାକ୍ତର ନିସାର-ଉଲ୍-ହାସନ ନିଖୋଜ ଅଛି। ହଷ୍ଟେଲର ୧୩ ନମ୍ବର ରୁମ୍ କାଶ୍ମୀରର ପୁଲୱାମା ବାସିନ୍ଦା ଡାକ୍ତର ମୁଜାମିଲର ଥିଲା। ଏହି କୋଠରି ଭିତରେ ସେ ଅନ୍ୟ ଉଗ୍ରବାଦୀ ଡାକ୍ତରଙ୍କ ସହ ଆଲୋଚନା କରି ଦିଲ୍ଲୀ ଓ ନିକଟବର୍ତ୍ତୀ ରାଜ୍ୟରେ ସମନ୍ୱିତ ବିସ୍ଫୋରଣ ପାଇଁ ଷଡ଼୍ ?ଯନ୍ତ୍ର କରିଥିଲା। ବାସ୍ତବରେ ଡିସେମ୍ବର ୬ ତାରିଖରେ ବାବ୍ରି ମସଜିଦ୍ ଭଙ୍ଗା ବାର୍ଷିକୀ ଅବସରରେ ଏହି ବିସ୍ଫୋରଣ ପାଇଁ ଯୋଜନା କରାଯାଇଥିଲା ବୋଲି ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରାରୁ ଜଣାପଡ଼ିଛି।

ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି ଯେ, ବିଶ୍ୱବିଦ୍ୟାଳୟର ଲାବୋରେଟୋରିରୁ ରାସାୟନିକ ପଦାର୍ଥ ହଷ୍ଟେଲ କୋଠରିକୁ ଅଣାଯାଉଥିଲା। ପୁଲିସ ବର୍ତ୍ତମାନ କୋଠରିକୁ ସିଲ୍ କରିଛି ଏବଂ ଚଢ଼ଉ ସମୟରେ ଏଠାରୁ ଇଲେକ୍ଟ୍ରୋନିକ୍ ଉପକରଣ ଓ ପେନ୍ ଡ୍ରାଇଭ୍ ଆଦି ଜବତ କରାଯାଇଛି। ୧୩ ନମ୍ବର କୋଠରିରେ ରାସାୟନିକ ପଦାର୍ଥ ମଧ୍ୟ ମିଳିଥିଲା। ସୂତ୍ରରୁ ପ୍ରକାଶ ଯେ ଡାକ୍ତର ଉମର ଓ ଡକ୍ଟର ଶାହିନ୍ ବିଶ୍ୱବିଦ୍ୟାଳୟ ଲାବୋରେଟୋରିରୁ ଫରିଦାବାଦର ଧୌଜ ଓ ଟାଗା ଗ୍ରାମକୁ ରାସାୟନିକ ପଦାର୍ଥ ସ୍ଥାନାନ୍ତର କରଭିବାରେ ମୁଖ୍ୟ ଭୂମିକା ନେଇଥିଲେ। ସେଠାରେ ବିସ୍ଫୋରକ ଏକତ୍ର କରାଯାଉଥିଲା। ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ ହେବାର ଦୁଇ ଦିନ ପରେ ନୀରବତା ଭାଙ୍ଗିଥିବା ଅଲ୍-ଫାଲାହ ବିଶ୍ୱବିଦ୍ୟାଳୟ ଅନୁଷ୍ଠାନିକ ସମ୍ପୃକ୍ତି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି।



# ଆଜିଠୁ ଭାରତ-ଦ.ଆଫ୍ରିକା ପ୍ରଥମ ଟେଷ୍ଟ

ନୂଆଦିଲ୍ଲୀ, ୧୩।୧୧ : ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ଆସନ୍ତାକାଲି କୋଲକାତାର ଇଡେନ ଗାର୍ଡେନରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଚୂଡାନ୍ତ ଏକାଦଶରୁ ବାଦ୍ ପଡି ପାରନ୍ତି ଅକ୍ଷର ପଟେଲ। ଧ୍ରୁବ ଜୁରେଲଙ୍କ ଖେଳିବା ସ୍ପଷ୍ଟ ଲାଗୁଛି।ତେଣୁ ପ୍ରଥମ ଥର ଜୁରେଲ ଓ ପନ୍ତଙ୍କୁ ଏକ ସଙ୍ଗେ ଟେଷ୍ଟ ଦଳରେ ଦେଖିବାକୁ ମିଳିବ ।
ଇଂଲଣ୍ଡ ଗସ୍ତରେ ଆହତ ଋଷଭ ପନ୍ତ ସଂପୂର୍ଣ୍ଣ ଠିକ୍ ହୋଇ ସାରିଛନ୍ତି। ପ୍ରାୟ ୩ ମାସ ପରେ ପନ୍ତ ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ କୁହାଯାଉଛି। କୋଲକାତାରେ ଟିମ୍ ଇଣ୍ଡିଆ ୨ ଦ୍ରୁତ ବୋଲର ଏବଂ ୩ ସ୍ପିନର କମ୍ବିନେସନ ସହ ମଇଦାନକୁ ଓହ୍ଲାଇପାରେ। ନୀତିଶ କୁମାର ରେଡ୍ଡୀଙ୍କୁ ପ୍ରଥମ ଟେଷ୍ଟ ପାଇଁ ଦଳରୁ ମୁକ୍ତ କରାଯାଇଛି। ଚୂଡାନ୍ତ ଏକାଦଶରେ ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯଦବଙ୍କ ରୂପେ ୩ ସ୍ପିନର ଖେଳି ପାରନ୍ତି। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଦ୍ରୁତ ବୋଲର ଦାୟିତ୍ୱ ସମ୍ଭାଳିବେ। ଅନ୍ୟପଟେ ଯଦି ପନ୍ତ ଏବଂ ଜୁରେଲ ଖେଳିବେ। ତେବେ କିପିଂ କିଏ କରିବ ଯଦି ପନ୍ତ ଶତ ପ୍ରତିଶତ ଫିଟ୍ ନ ଥିବେ ତେବେ ଜୁରେଲ ୱିକେଟ୍ କିପିଂ ଦାୟିତ୍ୱ ନିଭାଇ ପାରନ୍ତି ।ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ଖେଳୁଥିବା ବେଳେ ତିନି ନମ୍ବରରେ ସାଇ ସୁଦର୍ଶନଙ୍କ ସ୍ଥାନ ନିଶ୍ଚିତ ଚାରି ନମ୍ବରରେ ଅଧିନାୟକ ଶୁଭମନ ଗିଲ୍, ପାଞ୍ଚ ନମ୍ବରରେ ପନ୍ତ, ଷଷ୍ଠରେ ଜୁରେଲ ଖେଳିବେ ନିମ୍ନ କ୍ରମରେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିବେ ଜାଡେଜା ଓ ସୁନ୍ଦର।
ଉଭୟ ଦଳ ୩ଜଣିଆ। ସ୍ପିନ ବାହିନୀ ନେଇ ଗ୍ରାଉଣ୍ଡକୁ ଓହ୍ଲାଇବା ଏକ ପ୍ରକାର ନିଶ୍ଚିତ ଭାରତୀୟ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ପ୍ରଥମ କରି ୩ଜଣ ସ୍ପିନରଙ୍କୁ ଖେଳାଇବାକୁ ଯାଉଛି
ଭାରତ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ପାକିସ୍ତାନରେ ୨ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିଥିଲା । ଏହି ସିରିଜରେ ୩ ସ୍ପିନର କେଶବ ମହାରାଜ, ସେନୁରାନ ମୁଥୁସାମି ଓ ସିମନ ହାର୍ମର ୩୩ଟି ୱିକେଟ୍ ଅକ୍ତିଆର କରିଥିଲେ । ସ୍ପେଶାଲିଷ୍ଟ ପେସ୍ ବୋଲର ଭାବେ ଏକମାତ୍ର କାଗିସୋ ରାବାଡ଼ା ଦଳରେ ରହିଛନ୍ତି । ଏମାନଙ୍କ ବ୍ୟତୀତ ପେସ୍ ବୋଲିଂ ଅଲରାଉଣ୍ଡର ମାର୍କୋ ଜାନସେନ, ୱିଆନ ମୁଲ୍ଡର ଓ କର୍ବିନ ବସ୍କ ଦଳରେ ଅଛନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗ ଭାରତ ତୁଳନାରେ ଅଧିକ ସନ୍ତୁଳିତ ଓ ଶକ୍ତିଶାଳୀ କେବଳ ଅଭିଜ୍ଞତା ଫରକ ପକାଇବ। ଦକ୍ଷିଣ ଆଫ୍ରିକାର ଦଳରେ ରହିଥିବା ୮ଜଣ ଖେଳାଳି ଏପର୍ଯ୍ୟନ୍ତ ଭାରତରେ ଟେଷ୍ଟ ଖେଳି ନାହାନ୍ତି ।
ପ୍ରଥମ ଟେଷ୍ଟ ପାଇଁ ଏକ ଆଦର୍ଶ ପିଚ୍ ପ୍ରସ୍ତୁତ କରାଯାଇଛି। ଉଭୟ ଦଳ ପିଚକୁ ନେଇ ଉତ୍ସାହିତ ରହିଛନ୍ତି । ପ୍ରଥମ ଦୁଇ ଦିନ ପର୍ଯ୍ୟନ୍ତ ପେସ୍ ବୋଲରମାନେ ପିଚରୁ ଭରପୁର ସହାୟତା ପାଇବେ। ତୃତୀୟ ଦିବସ ଅପରାହ୍ଣରୁ ପିଚ୍ ସ୍ପିନରଙ୍କୁ ସହାୟତା କରିବ। ତେଣୁ ଟସ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ବିଶାଳ ସ୍କୋର ଛିଡ଼ା କରିବାକୁ ପ୍ରୟାସ କରିବ । ଦକ୍ଷିଣ ଆଫ୍ରିକାର ସ୍ପିନ ବାହିନୀ ଭାରତର ଚିନ୍ତା ବଢାଇବା ଆଶଙ୍କା କରାଯାଉଛି। ଗତ ବର୍ଷ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପରାଜୟ ପରେ ଭାରତୀୟ ବ୍ୟାଟରଙ୍କ ତ୍ରୁଟି ନଜରକୁ ଆସିଛି ।ଭାରତୀୟ ବ୍ୟାଟରମାନେ ସ୍ପିନରଙ୍କୁ ଖେଳିବାରେ ବିଫଳ ହେଉଛନ୍ତି । ଭାରତର ସମ୍ଭାବିତ ଚୂଡାନ୍ତ ଏକାଦଶ-ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଶୁଭମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ(ୱିକେଟ୍ କିପର), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ।






## ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମରେ ସର୍ବାଧିକ ସ୍କୋର

ଭାରତ - ଅଷ୍ଟ୍ରେଲିଆ। ବିପକ୍ଷରେ ୬୫୭/୭ ଇନିଂସ ଘୋଷିତ (୨୦୦୧)
ଇଡେନ୍ ଗାର୍ଡେନ୍ସରେ ସର୍ବାଧିକ ଟେଷ୍ଟ ରନ୍ (ଟପ୍ ୫), ଭିଭିଏସ୍ ଲକ୍ଷ୍ମଣ - ୧୨୧୭, ୨.ରାହୁଲ ଦ୍ରାବିଡ୍ - ୯୬୨. ସଚିନ୍ ତେନ୍ଦୁଲକର - ୮୭୨



## ଗତ ୨୫ ବର୍ଷରେ କୋଲକାତାରେ କେବଳ ଗୋଟିଏ ଟେଷ୍ଟ ହାରିଛି ଭାରତ

କୋଲକାତା: ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ କୋଲକାତାର ଇଡେନ ଗାର୍ଡେନ୍ସ ଆସନ୍ତାକାଲି ଷ୍ଟାଡିୟମରେ ଖେଳାଯିବ। ମ୍ୟାଚ୍ ବେଶ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଶା କରାଯାଉଛି। ଅଧିନାୟକ ଭାବରେ ତେମ୍ବା ବାଭୁମା କେବେ ବି କୌଣସି ଟେଷ୍ଟ ହାରି ନାହାନ୍ତି।ଅନ୍ୟପଟେ ଭାରତ ଗତ ୨୫ ବର୍ଷ ମଧ୍ୟରେ ଏହି ଗ୍ରାଉଣ୍ଡରେ କେବଳ ଗୋଟିଏ ଟେଷ୍ଟ ହାରିଛି। ଅଧିନାୟକ ଭାବରେ, ଶୁଭମନ ଗିଲ ମଧ୍ୟ ଘରୋଇ ପରିବେଶରେ ଖେଳାଯାଇଥିବା ଉଭୟ ଟେଷ୍ଟ ଜିତିଛନ୍ତି।ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟରେ ଋଷଭ ପନ୍ତଙ୍କ ଭାରତର ଚୂଡ଼ାନ୍ତ ଏକାଦଶକୁ ଫେରିବା ସ୍ପଷ୍ଟ ହୋଇଛି ଧ୍ରୁବ ଜୁରେଲ ଖେଳୁଥିବାରୁ ନୀତିଶ କୁମାର ରେଡ୍ଡୀଙ୍କୁ ବାଦ ଦିଆଯାଇଛି। ଇଡେନ ଗାର୍ଡେନ୍ସ ପିଚ୍ ଦେଖି, ଭାରତ ତିନି ଜଣ ସ୍ପିନର ଏବଂ ଦୁଇଜଣ ଦ୍ରୁତ ବୋଲରଙ୍କୁ ମଇଦାନକୁ ଓହ୍ଲାଇବାକୁ ଯୋଜନା କରିଛି।କୋଲକାତାରେ ଟିମ୍ ଇଣ୍ଡିଆର ଟେଷ୍ଟ ରେକର୍ଡ କେମିତି ?ଇଡେନ ଗାର୍ଡେନ୍ସରେ ଭାରତର ଏକ ଲମ୍ବା ଇତିହାସ ଅଛିଏଠାରେ ପ୍ରଥମ ଟେଷ୍ଟ ୧୯୩୪ମସିହାରେ ଖେଳାଯାଇଥିଲା ୩୮ ବର୍ଷ ପରେ ୧୯୭୨ ମସିହାରେ ଏହି ଗ୍ରାଉଣ୍ଡରେ ଭାରତ ପ୍ରଥମ ଟେଷ୍ଟ ଜିତିଥିଲା ଗତ ୨୦ ବର୍ଷ ମଧ୍ୟରେ ଏହି ଗ୍ରାଉଣ୍ଡରେ ଭାରତର ଟେଷ୍ଟ ରେକର୍ଡ ଦମଦାର ରହିଛି।୧୯୯୯ ମସିହାରେ ପାକିସ୍ତାନ ବିପକ୍ଷରେ ହାରିବା ପରଠାରୁ, ଭାରତ ଏହି ଗ୍ରାଉଣ୍ଡରେ ମୋଟ ୧୨ଟି ଟେଷ୍ଟ ଖେଳିଛି, ଯେଉଁଥିରେ ୮ଟି ଜିତିଛି ଏବଂ କେବଳ ଗୋଟିଏ ହାରିଛି ତିନୋଟି ଟେଷ୍ଟ ଡ୍ର ରହିଛି ଭାରତ କୋଲକାତାରେ ମୋଟ ୪୨ଟି ଟେଷ୍ଟ ଖେଳିଛି ଏଥିରୁ ଦଳ ୧୩ଟି ଜିତିଛି ଏବଂ ୯ଟି ହାରିଛି ୨୦ଟି ଟେଷ୍ଟ ଡ୍ର ହୋଇଛି।

# ୨୦୨୬ ନିଲାମ ପୂର୍ବରୁ ପ୍ରଥମ ଟ୍ରେଡ୍ ଡିଲ

ନୂଆଦିଲ୍ଲୀ, ୧୩।୧୧: ଆଇପିଏଲ ୨୦୨୬ ମେଗା ଆକ୍ସନ ପୂର୍ବରୁ ବେଶ ଚର୍ଚ୍ଚାରେ ଟ୍ରେଡ ୱିଣ୍ଡୋ ଗତ କିଛି ଦିନରେ ଟ୍ରେଡ ଡିଲ୍‌କୁ ନେଇ ଅନେକ ଖବର ଆସିଥିଲା ଏସବୁ ମଧ୍ୟରେ ୧୯ମ ସିଜନ୍‌ର ପ୍ରଥମ ଟ୍ରେଡ ଡିଲ୍ ଘୋଷଣା କରାଯାଇଛି। ଲକ୍ଷ୍ନୌ ସୁପର୍ ଜାୟଣ୍ଟ୍ସ (ଏଲ୍‌ଏସ୍‌ଜି) ଏବଂ ମୁମ୍ବାଇ ଇଣ୍ଡିୟାନ୍ସ (ଏମ୍‌ଆଇ) ମଧ୍ୟରେ ଏକ ରୋଚକ ଡିଲ୍ ହୋଇଛି ଭାରତର ଅନୁଭବୀ ଅଲ୍-ରାଉଣ୍ଡର ଶାର୍ଦ୍ଦୁଳ ଠାକୁର ଏବେ ମୁମ୍ବାଇ ଇଣ୍ଡିୟାନ୍ସର ଖେଳାଳି ପାଲଟିଛନ୍ତି ସେ ପୂର୍ବ ସିଜନ୍‌ରେ ଲକ୍ଷ୍ନୌ ପକ୍ଷରୁ ଖେଳିଥିଲେ।
ମୁମ୍ବାଇ ଇଣ୍ଡିୟାନ୍ସ ଶାର୍ଦ୍ଦୁଳ ଠାକୁରଙ୍କୁ କ୍ୟାଶ୍ ଡିଲ ମାଧ୍ୟମରେ କିଣିଛି ଅର୍ଥାତ ଦୁଇଟି ଟିମ ମଧ୍ୟରେ ଖେଳାଳିଙ୍କର ଅଦଳବଦଳ ହୋଇନାହିଁ, ବରଂ ମୁମ୍ବାଇ ଲକ୍ଷ୍ନୌ ସୁପର୍ ଜାୟଣ୍ଟ୍ସଙ୍କୁ ଟଙ୍କା ଦେଇ କିଣିଛି ଏଥିଲାଗି ଫ୍ରାଞ୍ଚାଇଜ ୨ କୋଟି ଟଙ୍କା ଖର୍ଚ୍ଚ କରିଛି ଲକ୍ଷ୍ନୌ ମଧ୍ୟ ଗତ ବର୍ଷ ଶାର୍ଦ୍ଦୁଳ ଠାକୁରଙ୍କୁ ରିପ୍ଲେସମେଣ୍ଟ ଖେଳାଳି ଭାବରେ ୨ କୋଟି ଟଙ୍କାରେ ଚୟନ କରିଥିଲା।



ଆଇପିଏଲ୍ ପକ୍ଷରୁ ପ୍ରେସ ରିଲିଜ କରି କୁହାଯାଇଛି, ଦୁଇଟି ଫ୍ରାଞ୍ଚାଇଜ ମଧ୍ୟରେ ହୋଇଥିବା ଚୁକ୍ତି ପରେ, ଲକ୍ଷ୍ନୌ ଅଲ-ରାଉଣ୍ଡର ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ଇଣ୍ଡିୟାନ୍ସ ପକ୍ଷରୁ ଖେଳିବାକୁ ପୂର୍ଣ୍ଣ ରୂପେ ପ୍ରସ୍ତୁତ ମୁମ୍ବାଇର ଏହି ଅଲ-ରାଉଣ୍ଡରକୁ ଲିଗ୍ର ୧୮ମ ସିଜନ ପାଇଁ ଲକ୍ଷ୍ନୌ ଟିମ୍ ରିପ୍ଲେସମେଣ୍ଟ ଭାବରେ ୨ କୋଟି ଟଙ୍କାରେ ଚୟନ କରିଥିଲେ, ଯେଉଁଥିରେ ସେ ୧୦ଟି ମ୍ୟାଚ୍ ଖେଳିଥିଲେ। ଏହି ଅଲ-ରାଉଣ୍ଡରକୁ ମୁମ୍ବାଇ ଇଣ୍ଡିୟାନ୍ସ ଏବେ ୨ କୋଟି ଟଙ୍କାରେ ଟ୍ରେଡ କରିଛି।ଶାର୍ଦ୍ଦୁଳ ଠାକୁର ଆଇପିଏଲ୍‌ରେ ଏବେ ପର୍ଯ୍ୟନ୍ତ ୧୦୫ଟି ମ୍ୟାଚ ଖେଳିଛନ୍ତି। ଏହି ଅବଧିରେ ସେ ୯.୪୦ର ଇକୋନୋମି ରେଟ୍‌ରେ ରନ ଦେଇ ୧୦୭ ଉଇକେଟ ନେଇଛନ୍ତି ।ଏହି ଟ୍ରେଡ ପରେ ମୁମ୍ବାଇ ଇଣ୍ଡିୟାନ୍ସର ପେସ ଆକ୍ରମଣ ଆହୁରି ମଜବୁତ ହୋଇଛି, ଯାହା ସେମାନଙ୍କୁ ୨୦୨୬ ସିଜନ୍‌ରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ କରିବ ଶାର୍ଦ୍ଦୁଳଙ୍କ ଅନୁଭବ ଏବଂ ଚାପରେ ପ୍ରଦର୍ଶନ ମୁମ୍ବାଇ ପାଇଁ ବଡ଼ ସମ୍ପଦ ହେବ।

# ମାଁ ବସ୍ତେନ ୟୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ବଙ୍ଗୋମୁଣ୍ଡା, ୧୩।୧୧ : ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ନିକଟସ୍ଥ କୁରସୁଡ଼ ପଞ୍ଚାୟତ ଅନ୍ତର୍ଗତ ପିପଲପଦର ଗ୍ରାମ ଆନୁକୂଲ୍ୟରେ ମହୁଲଭଟା ସର୍ବସାଧାରଣ ଖେଳ ପଡିଆ। ଠାରେ ଆଜି ମାଁ ବସ୍ତେନ ୟୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ ଉଦଘାଟିତ ହୋଇଯାଇଛି ।ଏହି ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସଞ୍ଜୀବ କୁମାର ଜୈନ,ସମ୍ମାନୀୟ ଅତିଥି ଭାବେ ବୈଦେହି ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଏହି ଉଦଘାଟନୀ ମ୍ୟାଚ ରେ ଚନ୍ଦୋତରା ଓ କାଲକୁଟ ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ଏଥିରେ କାଲକୁଟ ଦଳ ବିଜୟୀ ହୋଇଥିଲା। ରେଫରୀ ମୋହନ ସାହୁ ଖେଳ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ନରେନ୍ଦ୍ର ସାହୁ ଓ ସଂକୀର୍ତ୍ତନ ଜାନୀ ସହଯୋଗ କରିଥିଲେ। ଆୟୋଜକ ପିପଲ ପଦର ୟୁଥ କମିଟି ର ସଭାପତି ବିକାଶ ବାଗ, ସମ୍ପାଦକ ଜଗନ୍ ବେହେରା, ବିଜୁ, ପିତାମ,କୁରୁପତି, ପ୍ରିୟକର, ଦିପକ, ତପନ, ଲିଙ୍ଗରାଜ, ସୁମନ, ଅନିଲ ଙ୍କ ସହ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ। ଆସନ୍ତା ୧୮ ତାରିଖ ରେ ଉଦଯାପିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

# ବାବର ଆଜମଙ୍କ ରେକର୍ଡ଼ ନିକଟତର ଗିଲ୍
## ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ରଚିପାରନ୍ତି ଇତିହାସ

ନୂଆଦିଲ୍ଲୀ, ୧୨।୧୧ : ସାଉଥ ଆଫ୍ରିକାର ଭାରତ ଗସ୍ତର ଆରମ୍ଭ ଟେଷ୍ଟ ସିରିଜରୁ ହେବ । ୨ ମ୍ୟାଚ୍ ସିରିଜର ଆରମ୍ଭ ୧୪ନଭେମ୍ବରରୁ ହେବ ।ପ୍ରଥମ ଟେଷ୍ଟ କୋଲକାତାର ଇଡେନ ଗାର୍ଡ଼ନ୍ସ ଷ୍ଟାଡିୟମରେ ଖେଳାଯିବ । ଏହି ସିରିଜରେ ଗିଲଙ୍କ ପାଖରେ ଏକ ବଡ଼ ରେକର୍ଡ଼ କରିବାର ସୁଯୋଗ ରହିଛି । ଏବେ ୱାର୍ଲ୍ଡ ଟେଷ୍ଟ ଚ୍ୟାମ୍ପିୟନଶିପ ର ଇତିହାସରେ ସବୁଠାରୁ ଅଧିକ ରନ୍ କରିଥିବା ଏସିୟାଇ ବ୍ୟାଟର ଅଟନ୍ତି ବାବର, ମାତ୍ର ଯଦି ଆମେ ଦେଖିବା ତେବେ ଗିଲ୍ ମଧ୍ୟ ତାଙ୍କଠାରୁ ଅଧିକ ପଛରେ ନାହାନ୍ତି । ଶୁଭମନ ଗିଲ୍ ୱାର୍ଲ୍ଡ ଟେଷ୍ଟ ଚ୍ୟାମ୍ପିୟନଶିପ ୨୦୨୫-୨୦୨୭ ଚକ୍ରରେ ୭ ମ୍ୟାଚ୍ ଖେଳିଛନ୍ତି । ଯେଉଁଥିରେ ଖେଳିଥିବା ୧୩ପାଳିରେ ସେ ୬୮.୮୩ର ଆଭରେଜରେ ୯୪୬ରନ୍ କରିଛନ୍ତି । ଏଥିରେ ୫ଶତକୀୟ ପାଳି ଅଛି, ୬ଥର ସେ ୫୦ ପ୍ଲସ ରନ୍ କରିଛନ୍ତି। ସେ ୫୪ରନ୍ କରି ଏହି ଚକ୍ରରେ ୧୦୦୦ରନ୍ କରିଥିବା ପ୍ରଥମ ଖେଳାଳୀ ହୋଇଯିବେ। ଲିଷ୍ଟରେ ଦ୍ୱିତୀୟ ନମ୍ବରରେ କେଏଲ୍ ରାହୁଲ ଅଛନ୍ତି । ରାହୁଲ ୧୩ପାଳିରେ ୭୨୮ରନ୍ କରିଛନ୍ତି ।ୱାର୍ଲ୍ଡ ଟେଷ୍ଟ ଚ୍ୟାମ୍ପିୟନଶିପର ଇତିହାସରେ ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟରେ ହେଉଛନ୍ତି ଜୋ ରଟ୍ । ସେ ୧୨୬ ପାଳିରେ ୬୦୮୦ରନ୍ କରିଛନ୍ତି । ତାଙ୍କ ବ୍ୟତୀତ କୌଣସି ଅନ୍ୟ ବ୍ୟାଟର ୫୦୦୦ରନର ସଂଖ୍ୟା ବି ପାର୍ କରିପାରିନାହାନ୍ତି । ଲିଷ୍ଟରେ ୭ମ ନମ୍ବରରେ ବାବର ଆଜମ ଅଛନ୍ତି। ସେ ଡବ୍ଲ୍ୟୁଟିସିରେ ସବୁଠାରୁ ଅଧିକ ରନ୍ କରିଥିବା ଏସିଆଇ ବ୍ୟାଟର ଅଟନ୍ତି । କିନ୍ତୁ ତାଙ୍କର ଏହି ରେକର୍ଡ଼ ଗିଲ୍ ଏହି ସିରିଜରେ ଭାଙ୍ଗି ପାରନ୍ତି । ବାବର ଆଜମ ୩୮ମ୍ୟାଚ୍‌ରେ ୭୦ପାଳିରେ ୩୧୨୯ରନ୍ କରିଛନ୍ତି । ଏଥିରେ ୮ଶତକ ଏବଂ ୧୯ଅର୍ଦ୍ଧଶତକ ସାମିଲ୍ ରହିଛି । ଦ୍ୱିତୀୟ ଏସିଆଇ ବ୍ୟାଟର ଶୁଭମନ୍ ଗିଲ୍ ଅଛନ୍ତି, ଯିଏ ୩୯ମ୍ୟାଚ୍‌ର ୭୨ପାଳିରେ ୪୩.୦୧ର ଆଭରେଜରେ ୨୮୩୯ରନ୍ କରିଛନ୍ତି । ଶୁଭମନ ଗିଲଙ୍କ ନାଁରେ ୧୦ଶତକ ରହିଛି ।



## ଦିନିକିଆରେ ପ୍ରତ୍ୟାବର୍ତ୍ତନ କରିବେ ଶ୍ରେୟସ ଆୟର ?

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ତାରକା ଖେଳାଳି ଶ୍ରେୟସ ଆୟର ସଂପ୍ରତି ଆହତଜନିତ ସମସ୍ୟା ଦେଇ ଗତି କରୁଛନ୍ତି ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅଗ୍ରଗତି ଘଟୁଛି ତେଣୁ ପ୍ରଶଂସକଙ୍କ ମନରେ ଏହି ପ୍ରଶ୍ନ ଉଙ୍କି ମାରୁଛି ଯେ,ଶ୍ରେୟସ କେବେ ମଇଦାନକୁ ଓହ୍ଲାଇବେ କଣ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ। ସିରିଜ୍ ଖେଳିବେ ଶ୍ରେୟସ ତେବେ ଏହାର ସମ୍ଭାବନା ବହୁତ କମ ରହିଛି ଅଷ୍ଟ୍ରେଲିଆ। ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ ସମୟରେ ଶ୍ରେୟସ ଆହତ ହୋଇଥିଲେ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇଥିଲା ଏହା ପରେ ଆୟରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ସୁସ୍ଥ ହେବା ପରେ ହସ୍ପିଟାଲରୁ ତାଙ୍କୁ ଡିସଚାର୍ଜ କରାଯାଇଛି ।ମିଡିଆ। ରିପୋର୍ଟ ଅନୁଯାୟୀ, ଶ୍ରେୟସ ଆୟରଙ୍କ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ। ସିରିଜ୍ ଖେଳିବାର ସମ୍ଭାବନା କମ ରହିଛି । ନଭେମ୍ବର ୩୦ରୁ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜ୍ ଖେଳାଯିବ ବିସିସିଆଇ ଓ ଚୟନ କମିଟି ଶ୍ରେୟସଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ତରବରିଆ। ଭାବେ କୌଣସି ନିଷ୍ପତ୍ତି ନେବାକୁ ଚାହୁଁ ନାହାନ୍ତି । ଆୟର ଦିନିକିଆ। କ୍ରିକେଟରେ ମହତ୍ୱପୂର୍ଣ୍ଣ ଖେଳାଳି ଏବଂ ସେ ୨୦୨୩ ଦିନିକିଆ। ବିଶ୍ୱକପରେ ୫୦୦ରୁ ଅଧିକ ରନ କରିବା ସହ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତର ସର୍ବାଧିକ ରନହାସଲକାରୀ ବ୍ୟାଟର ଥିଲେ । ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଫିଟ୍ ହେବା ପାଇଁ ଏବେ ସମୟ ଲାଗିବ । ବୋର୍ଡ ତାଙ୍କର ପ୍ରତ୍ୟାବର୍ତ୍ତନକୁ ନେଇ କୌଣସି ରିସ୍କ ଉଠାଇବାକୁ ଚାହେଁ ନାହିଁ ଉଲ୍ଲେଖନୀୟ ଅକ୍ଟୋବର ୨୫ରେ ସିଡନୀରେ ଖେଳା ଯାଇଥିବା ତୃତୀୟ ଦିନିକିଆରେ ଫିଲ୍ଡିଂ କରିବା ସମୟରେ ଶ୍ରେୟସ ତଳେ ପଡି ଯାଇ ଆହତ ହୋଇଥିଲେ । ତାଙ୍କର ବାମ ଛାତିର ପିଞ୍ଜରା ହାଡରେ ଆଘାତ ଲାଗିଥିଲା ସ୍କାନରୁ ଜଣା ପଡିଥିଲା ଯେ, ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବା ସହ ଗମ୍ଭୀର ଆଘାତ ଲାଗିଛି । ଏଥିପାଇଁ ଶ୍ରେୟସଙ୍କୁ ସିଡନୀ ସ୍ଥିତ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡିଥିଲା। ଆବଶ୍ୟକୀୟ ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି ତେବେ ଶ୍ରେୟସ କେବେ ମଇଦାନକୁ ଫେରିବେ ତାହା ଏବେ କହିବା ମୁସ୍କିଲ ।

# ଇସଲାମାବାଦରେ ଆତଙ୍କୀ ହମଲାରେ ଭୟଭୀତ ଶ୍ରୀଲଙ୍କା ଖେଳାଳି
## ୮ ଖେଳାଳି ଛାଡିବେ ପାକିସ୍ତାନ, ୨ ଦିନିକିଆ ରଦ୍ଦ ?




ନୂଆଦିଲ୍ଲୀ: ପାକିସ୍ତାନର ରାଜଧାନୀ ଇସଲାମାବାଦରେ ହୋଇଥିବା ବୋମା ବିସ୍ଫୋରଣ ସାରା ଦେଶରେ ଆତଙ୍କର ବାତାବରଣ ସୃଷ୍ଟି କରିଛି ଶ୍ରୀଲଙ୍କା ଦଳ ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି ଏହି କାରଣରୁ ପାକିସ୍ତାନ ଗସ୍ତରେ ଥିବା ଶ୍ରୀଲଙ୍କା କ୍ରିକେଟ ଦଳର ଆଠ ଜଣ ଖେଳାଳି ସୁରକ୍ଷା ଦୃଷ୍ଟିରୁ ନଭେମ୍ବର ୧୨ ତାରିଖ ଗୁରୁବାର ଦିନ ସ୍ୱଦେଶ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି ଇସଲାମାବାଦରେ ହୋଇଥିବା ଭୟଙ୍କର ବିସ୍ଫୋରଣ ପରେ ଏହି ପଦକ୍ଷେପ ନିଆଯାଇଛି ଯେଉଁଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ ଶ୍ରୀଲଙ୍କା କ୍ରିକେଟ୍ (ଏସଏଲସି) ସୂତ୍ରରୁ ଏହି ସୂଚନା ମିଳିଛି ଏହି ଘଟଣା ଯୋଗୁଁ ଗୁରୁବାର ରାଲପିଣ୍ଡିରେ ଖେଳା ଯିବାକୁ ଥିବା ଦ୍ୱିତୀୟ ଦିନିକିଆ। ମ୍ୟାଚ୍ ବାତିଲ ହେବାର ଆଶଙ୍କା ସୃଷ୍ଟି କରିଛି। ନଭେମ୍ବର ୧୧ ତାରିଖରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଘରୋଇ ପାକିସ୍ତାନ ଶ୍ରୀଲଙ୍କାକୁ ୬ ରନ୍‌ରେ ପରାସ୍ତ କରିଛି।
ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜ୍ ପରେ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ଜିମ୍ବାବେ ସହିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବାର କାର୍ଯ୍ୟକ୍ରମଥିଲା ତଥାପି, ଏସଏଲସି ଘୋଷଣା କରିଛି ଯେ ଫେରିଥିବା ଖେଳାଳିଙ୍କ ସ୍ଥାନରେ ନୂତନ ଖେଳାଳି ପଠାଯିବ ଯାହାଦ୍ୱାରା ଦଳ ଆଗାମୀ ମ୍ୟାଚ୍ ଖେଳି ପାରିବ ସୂତ୍ର ଅନୁସାରେ, ଖେଳାଳିମାନେ ରାଲପିଣ୍ଡି ଏବଂ ଇସଲାମାବାଦ ମଧ୍ୟରେ କମ ଦୂରତାକୁ ଦୃଷ୍ଟିରେ ରଖି ନିଜର ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି ସେମାନେ ସ୍ୱଦେଶ ଫେରି ଯିବାକୁ ମନସ୍ଥ କରିଛନ୍ତି ।
ଏହି ଘଟଣା ପାକିସ୍ତାନର ଏକ ଦୁଃଖଦ ଇତିହାସକୁ ମନେ ପକାଇ ଦେଇଛି। ୨୦୦୯ ମସିହାରେ ଲାହୋରର ଗଦ୍ଦାଫି ଷ୍ଟାଡିୟମ ବାହାରେ ଆତଙ୍କବାଦୀମାନେ ଶ୍ରୀଲଙ୍କା ଦଳର ବସ୍ ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଧିନାୟକ ମାହେଲା ଜୟବର୍ଦ୍ଧନେ, ଅଜନ୍ତା ମେଣ୍ଡିସ୍ ଏବଂ ଚମିଣ୍ଡା ଭାସଙ୍କ ସମେତ ଅନେକ ଖେଳାଳି ଆହତ ହୋଇଥିଲେ। ଅନେକ ପାକିସ୍ତାନୀ ସୁରକ୍ଷା କର୍ମୀ ନିହତ ହୋଇଥିଲେ। ଏହି ଆକ୍ରମଣ ପରେ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ କୌଣସି ବିଦେଶୀ ଦଳ ପାକିସ୍ତାନ ଗସ୍ତ କରିନଥିଲା ଏବଂ ପାକିସ୍ତାନ ୟୁଏଇ ଭଳି ନିରପେକ୍ଷ ସ୍ଥାନରେ ତାର ଘରୋଇ ମ୍ୟାଚ୍ ଆୟୋଜନ କରିବାକୁ ବାଧ୍ୟ ହୋଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ, ୨୦୧୯ରେ ଶ୍ରୀଲଙ୍କାର ପାକିସ୍ତାନ ଗସ୍ତ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ଯାହା ପାକିସ୍ତାନକୁ ଅନ୍ତର୍ଜାତୀୟ କ୍ରିକେଟ୍ ଫେରିବା ପାଇଁ ପଥ ପ୍ରଶସ୍ତ କରିଥିଲା। ଶ୍ରୀଲଙ୍କାର ପାକିସ୍ତାନ ଗସ୍ତ ନଭେମ୍ବର ୧୧ରେ ଆରମ୍ଭ ହୋଇଥିଲା। ପ୍ରଥମ ଦ ନିକିଆ। ଜିତି ଘରୋଇ ପାକିସ୍ତାନ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜରେ ୧-୦ରେ ଆଗୁଆ। ରହିଛି। ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୧୩ରେ ହେବାର ଅଛି। କିନ୍ତୁ, ଏବେ ସୁରକ୍ଷା କାରଣରୁ ଦ୍ୱିତୀୟ ଦିନିକିଆ ବାତିଲ ହେବାର ଦ୍ୱାରଦେଶରେ ପହଞ୍ଚିଛି। ଏହି ଘଟଣା ପୁଣି ଥରେ ପାକିସ୍ତାନ ପାଇଁ ଲଜ୍ଜାର କାରଣ ହୋଇଛି।

# ଓଡିଶା କ୍ରିକେଟ ଦଳରେ ଭୁତମୁଣ୍ଡାଇର ପୁଅ

ରାହାମା, ୧୩।୧୧ : ଚଳିତ ବର୍ଷ ଓଡିଶା ୧୯ ବର୍ଷ ରୁ କମ କ୍ରିକେଟ ଦଳ ରେ ସାମିଲ ହୋଇଛନ୍ତି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ପଞ୍ଚାୟତ ଜଗତି ଗ୍ରାମର ଅର୍ପିତ ସ୍ୱୟମ ମହାନ୍ତି ଅର୍ପିତ ନିଜ ର କ୍ରିକେଟ କ୍ୟାରିୟର ପାରାଦ୍ୱୀପ କ୍ରିକେଟ କ୍ଲବ । (ପିସିସି )ରୁ ଆରମ୍ଭ କରିଥିବାବେଳେ ପିସିସି ର କୋଚ ଅଞ୍ଜନ ସେଠି ଙ୍କ ନିକଟରେ ପ୍ରଶିକ୍ଷଣ ନେଇ ବିଭିନ୍ନ ଟୁର୍ନାମେଣ୍ଟ ରେ ଭଲ ଖେଳ ପ୍ରଦର୍ଶନ କରି ଆସିଛନ୍ତି । ଅର୍ପିତ ଙ୍କ ର ଏହି ଭଳି ସଫଳତା ଦେଖି ପିସିସି କ୍ଲବ ର ଜଣେ ଉଦୟମାନ ତଥା ଓଡିଶା ରଣଜି ଦଳ ର ଖେଳାଳୀ ଜାମଳା ଭଂଜନ ମହାପାତ୍ରନିଜ ଆଡୁ ଅର୍ପିତଙ୍କୁ ଦୀର୍ଘ ଦିନ ଧରି ପ୍ରଶିକ୍ଷଣ ଦେଇଥିଲେ । ତେବେ ଚଳିତ ୧୯ ବର୍ଷ ରୁ କମ ଓଡିଶା ଦଳ ପାଇଁ ଚାଲିଥିବା ଚୟନ ପ୍ରକ୍ରିୟା ରେ ପାରାଦ୍ୱୀପ ପକ୍ଷରୁ ଭାଗ ନେଇ ଭଲ ପ୍ରଦର୍ଶନ କରି ଓଡିଶା ଦଳ ରେ ସ୍ଥାନ ପାଇଛନ୍ତି । ବି ସି ସି ଆଇ ଘରୋଇ ଦ୍ୱାରା ଆୟୋଜିତ କୁଚ ବିହାର ଟ୍ରଫି ଯାହାକି ଆସନ୍ତା ୧୬ ତାରିଖ ମହାରାଷ୍ଟ୍ର ଓ ଆସନ୍ତା ୨୩ ତାରିଖ ଆନ୍ଧ୍ର ସହିତ ଖେଳାଯିବ ଏହି ଦୁଇ ଟି ମ୍ୟାଚ ପାଇଁ ଖେଳିବାର ସୁଯୋଗ ପାଇଛନ୍ତି ଅର୍ପିତ ଙ୍କ ର ଏହି ସଫଳତା କୁ ନେଇ ଜଗତୀ ଗ୍ରାମର ବୁଢ଼ୀ ଯାଦୁଆଣୀ ୟୁଥ କ୍ଲବ, ଏବଂ ପିସିସି ର ସମସ୍ତ ଖେଳାଳୀ ଶୁଭେଚ୍ଛା ଜଣାଇଥିବା ସହ ନିଜର ମାର୍ଗ ଦର୍ଶକ ଭାବେ ବଡ ଭାଇ ଜାମଳା ଭଞ୍ଜନ ଙ୍କୁ ନିଜର ଏହି ସଫଳତା ପଛର ଶ୍ରେୟ ଜଣାଇଛନ୍ତି ଅର୍ପିତ ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ